● ପଶ୍ଚିମବଙ୍ଗରେ ଯବାନଙ୍କ ମୃତ୍ୟୁ

# ପୁତଝରି ଗ୍ରାମରେ ଅନ୍ତିମ ସଂସ୍କାର



ଆନନ୍ଦପୁର,୨।୫(ସମିସ): ପଶ୍ଚିମବଙ୍ଗ ନିର୍ବାଚନରେ କାର୍ଯ୍ୟରତ ସୀମା ସୁରକ୍ଷା ବାହିନୀର ଯବାନ ଅଜୟ ସୋରେନ ମସ୍ତିଷ୍କ ଆଘାତରେ ମୃତ୍ୟୁ ଘଟିଛି। ଗତ ମାସ ୨୩ତାରିଖରେ ତାଙ୍କ ମସ୍ତିଷ୍କ ରେ ଆଘାତ ହେବାରୁ ଚିକିତ୍ସା ପାଇଁ ବାଙ୍କୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କୋଲକାତାରୁ ସୀମାସୁରକ୍ଷା ବିଭାଗ ଅଧିକାରୀ ଓ ଯବାନମାନଙ୍କ ତତ୍ତ୍ୱାବଧାନରେ ତାଙ୍କର ପାର୍ଥିବ ଶରୀର ଆନନ୍ଦପୁର ଠାରେ ପହଞ୍ଚିଥିଲା। ପ୍ରଶାସନ ଓ ପୁଲିସ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯିବା ପରେ ଆନନ୍ଦପୁର ବ୍ଲକ୍ ଗୟଳମୁଣ୍ଡା ପଞ୍ଚାୟତର ପୁତଝରି ଗ୍ରାମରେ ପହଞ୍ଚିଥିଲା। ଯବାନମାନେ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଯବାନଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟରେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ ଯୁବନେତା ମଳୟ ମିଶ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ହାଇୱା ଧକ୍କାରେ ଯୁବକ ମୃତ; ଡ୍ରାଇଭର ଗିରଫ

ହାଟଡ଼ିହୀ,୨।୫(ସମିସ): ସୋସୋ ଥାନା ଅଧୀନ ବିଦ୍ୟାଧରପୁର ବ୍ୟାରେଜ୍ ପୋଲ ଉପରେ ଜଣେ ଯୁବକଙ୍କ ଉପରେ ଏକ ବାଲି ବୋଝେଇ ହାଇୱା ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୧୦ଟା ସମୟରେ ନିକଟସ୍ଥ ଠାକୁର ପାଟଣା ଗ୍ରାମର ଭୋଳାନାଥ ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ(୩୨) ଉକ୍ତ ବ୍ୟାରେଜ୍ ପୋଲ ଦେଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ଏକ ବାଲି ବୋଝେଇ ୧୨ଚକିଆ ହାଇୱା ତାଙ୍କ ଉପରେ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ହାଇୱାଟି ଖସି ପଳାଇବାକୁ ଚେଷ୍ଟା କରୁଥିଲାବେଳେ ସ୍ଥାନୀୟ ବାଲିବରେଇ ଗ୍ରାମର ଲୋକେ ଗାଡ଼ିଟିକୁ ଅଟକ ରଖିଥିଲେ। କୌଶଳକ୍ରମେ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲା। ବିଦ୍ୟାଧରପୁର ବଜାରରେ ରାତ୍ର ଡ୍ୟୁଟିରେ ନିୟୋଜିତ ଗୃହରକ୍ଷୀ ମାନେ ଖବର ଶୁଣି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ସୋସୋ ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ସୋସୋ ଆଇଆଇଆସି କାନନ ସାହୁ ପହଞ୍ଚି ଗାଡ଼ିଟିକୁ ଜବତ୍ କରି ଥାନାକୁ ଆଣିଥିଲେ। ମୃତ ରାମଚନ୍ଦ୍ର ବ୍ୟାରେଜ୍ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି। ତେବେ, କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଶବକୁ ନେଇ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ବୁଝାସୁଝା ପରେ ବ୍ୟବଚ୍ଛେଦ ପାଇଁ ଶବକୁ ଆନନ୍ଦପୁର ମେଡ଼ିକାଲ ପଠାଇଥିଲେ। ଯୁବକଙ୍କ ମୃତ୍ୟୁକୁ ନେଇ ଥାନା ଅଧିକାରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକେ କିପରି ସରକାରଙ୍କ ଅନୁକମ୍ପା ରାଶି ସହାୟତା ପାଇପାରିବେ ସେନେଇ ଆଲୋଚନା କରିଥିଲେ। ହାଇୱା ଡ୍ରାଇଭରକୁ ସୋସୋ ପୁଲିସ ଗିରଫ୍ କରିବା ସହ ସୋସୋ ଥାନାରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ବିଜେପି ନେତା ଆହତ

ଆନନ୍ଦପୁର,୨।୫(ସମିସ): ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଗତକାଲି ରାତିରେ ଘର ପାଖ ରାସ୍ତାରେ ଯାଉଥିବା ସମୟ ରେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗୁରୁତର ଆଘାତ ହୋଇଥିବାରୁ ପ୍ଲାଷ୍ଟର କରାଯାଇଛି। ୭ ଦିନ ପରେ ପୁନଃର୍ବାର ଫାଇନାଲ ପ୍ଲାଷ୍ଟର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଆଜି ବାଲେଶ୍ୱର ମେଡିକାଲ୍ କଲେଜରେ ଡାକ୍ତର ନିର୍ମାଲ୍ୟ ମହାପାତ୍ର ଚିକିତ୍ସା କରିବା ସହିତ ପ୍ଲାଷ୍ଟର କରିଛନ୍ତି। ଅସୁସ୍ଥ ଖବରପାଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ୍ କୁମାର ମହାଲିଙ୍ଗ, ବିଧାୟକ ପଦ୍ମଚରଣ ହାଇବୃରୁ, ରାଧାକାନ୍ତ ମହାନ୍ତ, ପୃଥୀରାଜ କୁଅଁର, ପ୍ରଫେସର ରମାକାନ୍ତ ନାୟକ ପ୍ରମୁଖ ସମବେଦନା ଜଣାଇଛନ୍ତି।



● ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିସାନଯୋଜନା ଅର୍ଥ ହରିଲୁଟ

# ଜନସେବା କେନ୍ଦ୍ର ନାଁରେ ଅଭିଯୋଗ

ଆନନ୍ଦପୁର,୨।୫(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ମଦନପୁର ଗ୍ରାମରେ ଥିବା ଜନସେବା କେନ୍ଦ୍ରରେ ହିତାଧିକାରୀ ଓ ଉପଭୋକ୍ତା ମାନେ ଶୋଷଣର ଶିକାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଏପରିକି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିସାନ ଯୋଜନା ର ଅର୍ଥ କାରବାରରେ ଜନସେବା କେନ୍ଦ୍ର ପରିଚାଳକ ତଞ୍ଚକତା କରିଥିବା ହିତାଧିକାରୀ ପାଗଳ ସାମଲ ପୁଲିସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେପୁଲିସତଦନ୍ତଆରମ୍ଭହେବାରୁଘଟଣାକୁଚପାଇବା ପାଇଁ କେନ୍ଦ୍ର ପରିଚାଳକ ଲିଙ୍କ ସମସ୍ୟା ଆଳ ଦେଖାଇ ଖସିଯିବା ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାକୁ ଗୁରୁତର ସହ ତଦନ୍ତ କରି ଠକେଇରେ ସମ୍ପୃକ୍ତ କେନ୍ଦ୍ର ପରିଚାଳକଙ୍କୁ ଦଣ୍ଡ ନଦେଲେ ପାଗଳ ସାମଲଙ୍କ ଅନେକ ହିତାଧିକାରୀ ଠକେଇର ଶିକାର ହେବେ ବୋଲି ମତପ୍ରକାଶ ପାଇଛି।



# ଭିକ ମାଗୁଥିଲେ କାଲାର ମୁଣ୍ଡା, ମୃତ୍ୟୁ ପରେ ଭାଇକୁ ସହାୟତାର ସୁଅ

ଡୁରୁମୁଙ୍ଗା,୨।୫(ସମିସ)

ବହୁ ଚର୍ଚ୍ଚିତ ଜିତୁ ମୁଣ୍ଡାଙ୍କୁ ବିଭିନ୍ନ ଆଡୁ ସହାୟତାର ସୁଅ ଛୁଟି ଚାଲିଛି। ହେଲେ ସବୁଠାରୁ ପରିତାପର ବିଷୟ ହେଲା ଯାହାଙ୍କ ପାଇଁ ଆଜି ଜିତୁ ମୁଣ୍ଡା ଚର୍ଚ୍ଚିତ ହୋଇଛନ୍ତି ସେ ଦିନ ଭିକ ମାଗି ଚଳୁଥିଲେ। ବଞ୍ଚିଥିବାବେଳେ ତାଙ୍କ ଭଉଣୀ କାଲାରା ମୁଣ୍ଡା ଭାକ ଗଣ୍ଡେ ପାଇଁ ବାର ଦୁଆର ହେବାକୁ ପଡୁଥିବାବେଳେ ତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇଙ୍କୁ ବିଭିନ୍ନ ଆଡୁ ସହାତୟାର ସୁଅ ଛୁଟି ଚାଲିଛି।

ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲୀପଶି ଗ୍ରାମ୍ୟ ବ୍ୟାଙ୍କରେ ଥିବା ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡାଙ୍କ ବଡ଼ ଭଉଣୀ କାଲାରା ମୁଣ୍ଡାଙ୍କ ଟଙ୍କା ଉଠାଇବା ପାଇଁ ଯାଇଥିବା ସମୟରେ ବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ସେଠୀ ତାଙ୍କୁ ଟଙ୍କା ଦେଇ ନ ଥିଲେ। ଭଉଣୀ ଟଙ୍କା ପାଇବାକୁ ହେଲେ ଭଉଣୀକୁ ନେଇକି ଆସ କହିଥିଲେ; କିନ୍ତୁ ବାରମ୍ବାର ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଯାଇଥିବା ଜିତୁ ମୁଣ୍ଡା ଗତ ସୋମବାର ୩ ମାସ ତଳୁ ମୃତ୍ୟୁ ଘଟିଥିବା ବଡ଼ ଭଉଣୀ କାଲାରା ମୁଣ୍ଡାଙ୍କ କଙ୍କାଳକୁ ମଶାଣିରୁ ଖୋଳି କାନ୍ଧରେ ବୋହି ବ୍ୟାଙ୍କରେ ପହଞ୍ଚିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଛି। ଘଟଣାର ତଦନ୍ତ ଆରଡିସି କରିବାପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଭୁଲ ସହ ମୃତ୍ୟୁ ପ୍ରମାଣପତ୍ର ବିଳମ୍ବରେ ମିଳିବା ଏବଂ ବ୍ୟାଙ୍କରୁ ପୁଲିସ ଜିତୁ ମୁଣ୍ଡାଙ୍କୁ ପାଦରେ ଚଲାଇ ଚଲାଇ ଆଣିବା ସମୟରେ ପୁଲିସ ଗାଡ଼ି ଖଣ୍ଡେ ଯୋଗାଇ ଦେଇ ନଥିବା ଯୋଗୁଁ ମେଡ଼ିକାଲ କର୍ତ୍ତୃପକ୍ଷ ପୁଲିସ ପକ୍ଷରୁ





■ ଜିତୁ ମୁଣ୍ଡାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ
■ କାଲାରାଙ୍କ ପାଇଁ ବିଶ୍ୱରେ ଚର୍ଚ୍ଚିତ ହେଲା ଡିଆନାଳୀ ଗ୍ରାମ

ଅବହେଳା ଯୋଗୁଁ ଏଭଳି ଅଭାବନୀୟ ଓ ଲଜ୍ଜାଜନକ ଘଟଣା ଘଟିଥିବା କହିଥିଲେ। ସମସ୍ତ ଘଟଣା ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ରିପୋର୍ଟ ସରକାରଙ୍କୁ ଦେବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଘଟଣା ପରେ ଏବେ ପ୍ରଶାସନ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ସରକାରୀ ଯୋଜନା ପ୍ରଦାନ କରାଯାଇଛି। ଭଉଣୀଙ୍କ ନାମରେ ଥିବା ଅନ୍ତ୍ୟୋଦୟ କାର୍ଡକୁ ଜିତୁଙ୍କ ନାମରେ ପରିବର୍ତ୍ତନ କରାଯିବା ସହ ବାର୍ଦ୍ଧକ୍ୟଭତ୍ତା ସହ ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଏଥିସହ ରେଡକ୍ରସରୁ ସହାୟତା ପ୍ରଦାନ ସହ ବିଭିନ୍ନ ରାଜନୈତିକ ଦଳ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ ଡିଆନାଳୀ ଗ୍ରାମର ତଇଳା ମୁଣ୍ଡାଙ୍କ ପୁଅ ଜିତୁ ମୁଣ୍ଡା ଓ ଝିଅ କାଲାରା ମୁଣ୍ଡା ପାଇଁ ଏବେ ସବୁଠି ଚର୍ଚ୍ଚା, କାଲାରା ମୁଣ୍ଡା ଢେଙ୍କାନାଳରେ ବିବାହ କରିଥିଲେ। ବିବାହ କିଛି ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ହେବାପରେ କାଲାରା ମୁଣ୍ଡା ଓ ଜିତୁ ଏକାଠି ରହି ଆସୁଥିଲେ। ଅବିବାହିତ ଜିତୁ ଉଭୟ ଭାଇଭଉଣୀ ମାଗିଯାଚି ଚଳୁଥିଲେ। ଜିତୁଙ୍କ ଘରେ ଥିବା ଦୁଇଟି ବଳଦ ବିକ୍ରି କରି ଭଉଣୀଙ୍କ ଜମା ଖାତାରେ୨୦ ହଜାର ଟଙ୍କା ରଖିଥିଲେ, ଜିତୁ ହେଲେ ମକର ପୂର୍ବରୁ ୫୦୦ ଟଙ୍କା ଉଠାଇ ଥିଲେ, ପରେ କାଲାରା ମୁଣ୍ଡାଙ୍କ ଦେହ ଖରାପ ହେବାରୁ ସେ ଶଯ୍ୟାସାୟୀ ହୋଇଥିଲେ, ସେତେବେଳେ ମଧ ଚିକିତ୍ସା ପାଇଁ ଜମାଟଙ୍କା ବ୍ୟାଙ୍କ ଦେଇ ନଥିଲା। ଫଳରେ ଚିକିତ୍ସା ଅଭାବରୁ କାଲାରାଙ୍କ ମୃତ୍ୟୁ ଘଟିଥିଲା। ଗତ ସୋମବାର ଜିତୁ ତାଙ୍କ ଭାଇ ଶଙ୍କର ସହ ଉକ୍ତ ବଳଦ ବିକା ଟଙ୍କା ପାଇଁ ଝଗଡ଼ା ହୋଇଥିଲା। ଶଙ୍କର ଜିତୁକୁ ଉକ୍ତ ଟଙ୍କା ଖାଇ ଦେଇଥିବା କହି ମାଡ଼ ମାରିଥିଲା। ଫଳରେ ଜିତୁ ବ୍ୟାଙ୍କକୁ ଖରାରେ ଚାଲି ଚାଲି ଯାଇ ଉକ୍ତ ଟଙ୍କାକୁ ଉଠାଇବାକୁ ଯାଇଥିବା ସମୟରେ ଜିତୁଙ୍କୁ ବ୍ୟାଙ୍କ ମ୍ୟାନେଜର ଟଙ୍କା ଦେବାକୁ ମନା କରିବା ସହ ଭଉଣୀକୁ ନେଇକି ଆସିବା ପାଇଁ କହିଥିଲେ। ଏଥିରେ ଜିତୁ ରାଗି ଯାଇ ଘରକୁ ଆସି ମଶାଣିରୁ ଶବକୁ ଖୋଳି କଙ୍କାଳ ବାହାର କରି କାନ୍ଧରେ ବୋହି ବ୍ୟାଙ୍କକୁ ଚାଲି ଯାଇ ବ୍ୟାଙ୍କ ମ୍ୟାନେଜରକୁ ଟିପ ନିଅ ଟଙ୍କା ଦିଅ ବୋଲି କହିଥିଲେ। ବ୍ୟାଙ୍କରେ ରଖିଥିବା ଟଙ୍କା ପାଇଁ ଜିତୁଙ୍କ କଷ୍ଟ ଓ ସଙ୍ଘର୍ଷ କୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଯୋଗୁଁ ,ଏବେ ତାଙ୍କ ଘରକୁ ବ୍ୟାଙ୍କ ପହଞ୍ଚି ସମସ୍ତ ପ୍ରାପ୍ୟ ଟଙ୍କା ୧୯ ହଜାର ୪୦୨ ଟଙ୍କା ପ୍ରଦାନ କରିବା ସହ କରିଥିଲା। ଏଥିସହ ରେଡକ୍ରସରୁ ୩୦ ହଜାର ପାଟଣା ବିଧାୟକ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ବିଜେଡି ପକ୍ଷରୁ୨୦ ହାଜର ଟଙ୍କା, କଂଗ୍ରେସ ପକ୍ଷରୁ ୨୪ ହଜାର ଟଙ୍କା, ଫିଜିକ୍ସ ୱାଲା ବିଦ୍ୟାପୀଠ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ୧୦ ଲକ୍ଷ, କେରଳର ଥଡ଼ଗମ ଫାଉଣ୍ଡେସନ ପକ୍ଷରୁ ଏକଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ଆମ୍ ଆଦମୀ ପାର୍ଟି ପକ୍ଷରୁ ରାଜ୍ୟସଭା ସାଂସଦ ସଞ୍ଜୟ ସିଂଙ୍କ ଆହ୍ୱାନରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିତୁଙ୍କ ନିକଟରେ ପହଞ୍ଚି ତାଙ୍କୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ଡିଆନାଳୀ ଗ୍ରାମର ପାନୀୟଜଳ ସମସ୍ୟା ଦୂର କାରାଯିବ ବୋଲି କହିଥିଲେ। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ କଂଗ୍ରେସ ରାଜ୍ୟ ଆଦିବାସୀ ଅଧକ୍ଷ ଯୋଶବନ୍ତ ଲାଗୁରୀ ପ୍ରମୁଖ ଭେଟି ଜିତୁ ମୁଣ୍ଡାଙ୍କୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ମୃତ୍ୟୁ ପ୍ରମାଣ ପତ୍ର ସହ ଲିଗାଲ ହେୟାର ସାର୍ଟିଫିକେଟ ପ୍ରଦାନରେ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଛି କଂଗ୍ରେସ। ଜିତୁଙ୍କ ସରଳତାର ସୁଯୋଗ ନେଇ ତାଙ୍କ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି କବ୍‌ଜାକରି ରଖିଥିବା କହିବା ସହ ତାଙ୍କ ଜମିକୁ କାହିଁକି ରାଜସ୍ୱ ବିଭାଗ ହସ୍ତାନ୍ତର କରି ନାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ସାଂସଦ ଯୋଜବନ୍ତ ଲାଗୁରୀ। ମୃତ୍ୟୁ ସାର୍ଟିଫିକେଟ ପ୍ରଦାନରେ ସ୍ଥାନୀୟ ଏନଏମ୍ ଅଶାକର୍ମୀଙ୍କ ଅବହେଳା କରାଯାଇଥିବା କହିଛନ୍ତି।

## ଆଇସିଏସ୍‌ସି ପରୀକ୍ଷାରେ ଅଭିପ୍ସାଙ୍କ କୃତିତ୍ୱ

ଆନନ୍ଦପୁର,୨।୫(ସମିସ): ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମର ଅର୍ପିତା ଭୂୟାଁ ଓ ଅଶୋକ ଭୂୟାଁଙ୍କ କନ୍ୟା ଅଭିପ୍ସା ଭୂୟାଁ ଆଇସିଏସିସି ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖି ଗାଁ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ବାପା ମୁମ୍ବାଇରେ ବ୍ୟବସାୟ କରୁଥିବାବେଳେ ସେ ମୁମ୍ବାଇର ଏକ ସ୍କୁଲରେ ଅଧ୍ୟୟନ କରୁଥିଲେ। ଏ ସଫଳତା ପାଇଁ ଗାଁରଆଦର୍ଶଶିକ୍ଷକଅନନ୍ତଚରଣଭୂୟାଁ, ଶାନ୍ତିନିକେତନର ପ୍ରଫେସର ଡ. ସନତ ରଥ, ପଞ୍ଚଶିକ୍ଷା ସେତୁର ସଭାପତି କାଳନ୍ଦୀ ପଟ୍ଟନାୟକ, ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ଧରଣୀଧର ମହାପାତ୍ର ଆଦି ଅଭିପ୍ସାକୁ ଶୁଭେଚ୍ଛା ଜଣାଇଛନ୍ତି।



## ହାଇସ୍କୁଲ ପରୀକ୍ଷାର ସଫଳତା ହାର ୯୪.୩୫ ପ୍ରତିଶତ

କେନ୍ଦୁଝର,୨।୫(ସମିସ): ମାଧମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିବାବେଳେ କେନ୍ଦୁଝର ଜିଲ୍ଲାର ସଫଳତା ହାର ୯୪.୩୫ ପ୍ରତିଶତ ରହିଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଜିଲ୍ଲାର ୪୭୯ ଟି ବିଦ୍ୟାଳୟର ୨୫୧୫୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମପୂରଣ କରିଥିବାବେଳେ ୭୫୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ ଏବଂ ୨୪୪୦୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୬୨ ଜଣ,ଏ-୨ ଗ୍ରେଡରେ ୪୨୬ ଜଣ, ବି-୧ ଗ୍ରେଡରେ ୧୨୬୮ ଜଣ, ବି-୨ ଗ୍ରେଡରେ ୨୮୯୧ ଜଣ, ସି ଗ୍ରେଡରେ ୪୯୨୮ ଜଣ, ଡି.ଗ୍ରେଡରେ ୭୦୩୨ ଜଣ, ଇ.ଗ୍ରେଡରେ ୬୪୨୧ ଜଣଙ୍କୁ ମିଶାଇ ୨୩୦୨୮ କୃତକାର୍ଯ୍ୟ ହୋଇଥିବାବେଳେ ୧୩୭୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୧୫୧ ଜଣ ଛାତ୍ର ଏବଂ ୧୧୮୭୭ ଜଣ ଛାତ୍ରୀ ପାସ୍ କରିଛନ୍ତି।

## ଘସିପୁରା ଶିକ୍ଷା କାର୍ଯ୍ୟାଳୟରେ ଅବସର ଦିନ ପେନ୍‌ସନ



ଆନନ୍ଦପୁର,୨।୫(ସମିସ): ଅବସର ନେବାର ପୂର୍ବ ଦିନ ଘସିପୁରା ବ୍ଲକ ଅନ୍ତର୍ଗତ ଶାମୁକାନେଣ୍ଡି ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ ଚୂଡ଼ାନ୍ତ ପେନସନପତ୍ର ପ୍ରଦାନ କରାଯାଇଛି। ଘସିପୁରା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ସ୍ୱଦେସମାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ , ସେକ୍ସନ ଅଫିସର ମନୋଜ ନାୟକ ଏହି ସରକାରୀ ପ୍ରାପ୍ୟର ଚେକ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ, ସିନିଅର ଆସିଷ୍ଟାଣ୍ଟ ବିଜୟସେଠ ଜୁନିଅରଅରଆସିଷ୍ଟାଣ୍ଟ ପ୍ରଯୋଜ୍‌ଯୋକ୍ତା ରାଜ ସହଯୋଗ କରିଥିଲେ।

# ଭାରପ୍ରାପ୍ତପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର,୨।୫(ସମିସ): ଘସିପୁରା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମୁକାନାଣ୍ଡିର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭଣ୍ଡାରିଡିହା ଭଗବତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୁଶଳେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଗୋଲକବିହାରୀ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ସୁସାହିତ୍ୟିକ ନାରାୟଣ ଲେଙ୍କା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯୋଗାଣ ଅଧିକାରୀ ତଥା ବରିଷ୍ଠ ସମାଜସେବୀ ଯୁଧିଷ୍ଠିର ନାୟକ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ଦାସ, ଶିକ୍ଷକ ପ୍ରଶିକ୍ଷକ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଫକୀରପୁର ଆଲୋକ ରଣା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭଣ୍ଡାରିଡିହା ତପନ ସାହୁ ଯୋଗଦେଇ ଥିଲେ। ବିଦାୟୀ ଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ବିଦ୍ୟାଳୟ ପ୍ରତି ଅତୁଳନୀୟ ଅବଦାନ ଓ କାର୍ଯ୍ୟଶୈଳୀ ପାଇଁ ଅତିଥିମାନେ ବେଶ ପ୍ରଶଂସା କରିଥିଲେ। ଅତିଥି ପରିଚୟ ଦେଓଗାଁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରସନ୍ନ ଶା, ମାନପତ୍ର ପଠନ ଶିକ୍ଷୟିତ୍ରୀ ସଂଘମିତ୍ରା ସାହୁ, ନିର୍ମଳା ପଲେଇ ସହ ଧନ୍ୟବାଦ ଅର୍ପଣ ଶିକ୍ଷକ ପ୍ରଭାତ ଜେନାଙ୍କସହ ବିଦ୍ୟାଳୟର ଶିକ୍ଷକ କୋଦଣ୍ଡଧର ଶା, ରାଜେଶ୍ୱରୀ ରାଉତ,ଚପଳା ପୁହାଣ, ସଙ୍ଗୀତା ସାହୁ, ମନିଷା ପୋଥାଳ, ଏଲିନା ରାଣୀ ରାଉତ,ଅରବିନ୍ଦ ମହାପାତ୍ର, ନିହାର ରଞ୍ଜନ ରାଉତ, ପ୍ରଶାନ୍ତ ରାଉତ ପରିଚାଳନାରେ ସହଯୋଗ କରିଥିଲେ।



# ଦଳକିସାହିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ



ଆନନ୍ଦପୁର,୨।୫(ସମିସ): ଘସିପୁରା ବ୍ଲକ୍ ରାଧିକାଦେଇପୁର ପଞ୍ଚାୟତ ଦଳକିସାହିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ ତମ ଜୟନ୍ତୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବାସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି।

ପଣ୍ଡିତ ରଘୁନାଥ ମୁର୍ମୁ ଯୁବକ ସଂଘ ଦଲକି ସାହି ତରଫରୁ ଆୟୋଜିତ ଜନ୍ମଜୟନ୍ତୀ ପାଳନ ଅବସରରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମଧୁସ୍ମିତା ଦାସ ସହକାରୀ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମ ବିଜୟ ଦାସ ଦିବାକର ଟୁଡୁ କୃଷ୍ଣଚନ୍ଦ୍ର ହେମ୍ବ୍ରମ, ତପନ ହେମ୍ବ୍ରମ, ପୁଥୁଲ ଟୁଡୁ ଲଛମନ ହେମ୍ବ୍ରମ ଉପସ୍ଥିତ ଥିଲେ। ସାନ୍ତାଳୀ ଭାଷାର ବର୍ଣ୍ଣମାଳା "ଅଲଚିକି" ପ୍ରସ୍ତୁତ କରି ସେ ଇତିହାସ ସୃଷ୍ଟି କରିଥିଲେ। ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଏହି ଅମୂଲ୍ୟ ଅବଦାନ ପାଇଁ ଆଜି ଆମେ ଗର୍ବିତ। ପଣ୍ଡିତ ରଘୁନାଥ ମୁର୍ମୁ ହେଉଛନ୍ତି ସାନ୍ତାଳୀ ସମାଜର କିମ୍ବଦନ୍ତୀ ପୁରୁଷ। ଆଜି ତାଙ୍କ ଜନ୍ମଜୟନ୍ତୀରେ ମୁଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆମେ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସମୃଦ୍ଧ ସମାଜ ଗଠନ କରିବା ପାଇଁ ସଂକଳ୍ପବଦ୍ଧ ହେବା, ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଥାନାରେ ଅଭିଯୋଗ



ଆନନ୍ଦପୁର,୨।୫(ସମିସ)

ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ତଥା ଅବସରପ୍ରାପ୍ତ ସୈନିକ ମୁରଲୀଧର ମିଶ୍ର ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଛନ୍ତି। ଆନନ୍ଦପୁର ୭ ନମ୍ବର ୱାର୍ଡରେ ଥିବା ତାଙ୍କ ବାସଭବନରେ କେହି ରହୁନବାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଗତ ଏପ୍ରିଲ ୨୮ ତାରିଖରେ ତାଙ୍କ ଘରୁ ସୁନାରୁପା ଗହଣା ସମେତ କେତେକ ମୂଲ୍ୟବାନ ଜିନିଷପତ୍ର ଚୋରି କରି ନେଇଥିଲେ। ଏହି ଘଟଣା ସଂକ୍ରାନ୍ତରେ ତୁରନ୍ତ ଅନୁସନ୍ଧାନ କରି ଦୋଷୀକୁ ଧରି ଚୋରି ହୋଇଥିବା ପଦାର୍ଥର ଉଦ୍ଧାର ପାଇଁ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାମାନେ ଥାନା କାନ୍ରୁପକ୍ଷଙ୍କୁ ସାକ୍ଷାତ କରି ଦାବି କରିଥିଲେ। ପରିଷଦର ସଭାପତି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସହସମ୍ପାଦକ ଦିଲ୍ଲୀପ କୁମାର ସିଂହ, ଉପଦେଷ୍ଟା ରାମ ନାରାୟଣ ମହାରଣା, ବିପିନ ବିହାରୀ ମିଶ୍ର, କିଶୋର କୁମାର ମିଶ୍ର, ନଗେନ ଚାନ୍ଦ ପ୍ରମୁଖ ଏହି ମର୍ମରେ ଏକ ଦାବିପତ୍ର ଆନନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଯଶୋଦା ବେହେରାଙ୍କୁ ଅର୍ପଣ କରି ସବିଶେଷ ଆଲୋଚନା କରିଥିଲେ। ତଦନ୍ତ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଶ୍ରୀମତୀ ବେହେରା ସୂଚନା ଦେବା ସହିତ ଏହାକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ଟାଙ୍ଗରାଣୀ ବନ୍ଧପାତ୍ର ସାହି ପକ୍ଷରୁ ଅଲେଖ ଯଜ୍ଞ

ବାଲିବନ୍ଧ,୨।୫(ସମିସ): ଝୁମ୍ପୁରା ଉପକଣ୍ଠ ଟାଙ୍ଗରାଣୀ ବନ୍ଧ ପାତ୍ର ସାହି ଅଲେଖ ସମାଜ ପକ୍ଷରୁ ଶୁକ୍ରବାର ଅଲେଖ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅନୁଷ୍ଠିତ ହୋଇଥିବା ଅଲେଖ ଯଜ୍ଞରେ କୌପନୀଧାରୀ ମହିମା ସମାଜର ବାବା ବେଣୁଧର ଦାସ, ବିଜୟ ଦାସ, ଶୁଦର୍ଶନ ଦାସ, ଉମେଶ ଦାସ ପ୍ରମୁଖ ଉପସ୍ଥିତ ରହି ବିଶ୍ୱବ୍ରହ୍ମାଣ୍ଡ ର ମଙ୍ଗଳ କାମନା କରି ଧ୍?ନି ପ୍ରଜ୍ୱଳନ କରିଥଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ ଗଣେଶର ମହାନ୍ତ, ଲେମ୍ବୋଦର ମହାନ୍ତ, ଦୁଷ୍ମନ୍ତ ଦେହୁରୀ, ହୃଷିକେଶ ମଲ୍‌ହା, ଭାରତଚନ୍ଦ୍ର ମହାନ୍ତ ଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ରଣ୍ଡିଭୂତ ହୋଇଥିଲେ। ଏହି ଅବସରରେ କେମ୍ପସଡା ଭଜନ ମଣ୍ଡଳୀ ଏବଂ ଟାଙ୍ଗରାଣୀ ଭଜନମଣ୍ଡଳୀ ଉପସ୍ଥିତ ରହି ଖୁବ ସୁନ୍ଦର ଭାବେ ଖଞ୍ଜଣୀ ମାଡ ର ତାଳେ ତାଳେ ଭଜନ ପରିବେଷଣ କରିଥିଲେ। ଅଲେଖ ଯଜ୍ଞକୁ ସୁଚାରୁରୂପେ ପରିଚାଳନା ନେଇ ଅଲେଖ ସମାଜର ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଦାସ, ଅରୁଣ ଦାସ, ନାରଣ ପାତ୍ର, ଭଜନା ପାତ୍ର, ଭୁବନ ପାତ୍ର, ମାୟାଧର ପାତ୍ର, ମାଣିକର ପାତ୍ର, ସରତ ପାତ୍ର, କୁଳମଣି ପାତ୍ର, ଭାଗୀରଥି ପାତ୍ର, ଲଛମନ ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ଚମ୍ପୁଆ,୨।୫(ସମିସ): ଚମ୍ପୁଆ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ୍ ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସ ଅଧକ୍ଷତା କରିଥିଲେ। ଏଥିରେ ଜେ.ଏମ୍.ଏଫ୍.ସି ସୁସ୍ମିତା ମିଶ୍ର, ବାର୍ ସଭାପତି ହରେକ୍ରୀଷ୍ଣ ମିଶ୍ର, ବରିଷ୍ଠ ଆଇନ୍‌ଜୀବୀ ଅଶୋକ ଦାସ, ବିଷ୍ଣୁ ଚରଣ ରାଠୋର ସଭାରେ ଉପସ୍ଥିତ ଥିଲେ। ଏହି ସଭାରେ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ। ଆଇନ୍ ସେବା କମିଟିର ଅଧକ୍ଷ ନିର୍ମାଣ ଶ୍ରମିକ କଲ୍ୟାଣ ପ୍ରକ୍ରିୟା ବାବଦରେ କିପରି ପଞ୍ଜିକରଣ କରିପାରିବେ ତାହା ଅବଗତ କରାଇ ଥିଲେ ଏବଂ ଶିକ୍ଷାବୃତି ସହାୟତା ବାବଦକୁ କେତେ ପଇବେ, ବିବାହ, ପ୍ରସୂତି କାଳୀନ, ମୃତ୍ୟୁ ଜନିତ ସହାୟତା, ଅନ୍ତ୍ୟୋଷ୍ଟି କ୍ରିୟା ସହାୟତା ବିଷୟରେ ଏବଂ ବିଭିନ୍ନ ପ୍ରକାର ସୁବିଧା ବିଷୟରେ ଅବଗତ କରାଇଥିଲେ। କମିଟିର ସହକାରୀ ଅବଦୁଲ୍ ସୁରଜ୍ ଖାନ୍ ପରିଚାଳନା କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ହାଟଡ଼ିହୀ,୨।୫(ସମିସ): ନନ୍ଦିପଦା ଥାନା ଅଧୀନ ସୁଲଣ ଗ୍ରାମର ଶ୍ରୀପତି ଜେନାଙ୍କ ମୃତ୍ୟୁ ଘଟିଛି। ଗତ ଚାରିଦିନ ତଳେ ଏକ ଟ୍ରାକ୍ଟରଧକ୍କାରେ ଦୁର୍ଘଟଣାଗ୍ରସ୍ତ ହୋଇ ଗ୍ରାମର ଶ୍ରୀପତି ଜେନା ଓ ଦୟାନିଧି ରାଉତ ଗୁରୁତର ହୋଇଥିଲେ। ଉଭୟ ଘରୋଇ ହସ୍ପିଟାଲରେ ରହି ଚିକିତ୍ସା ହେଉଥିଲାବେଳେ ଗୁରୁବାର ରାତିରେ ଶ୍ରୀପତି ଜେନା(୬୬) ଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ଶ୍ରୀପତିଙ୍କ ଦେହାନ୍ତ ପରେ ତାଙ୍କ ଶରୀରର ମୂଲ୍ୟବାନ ଅଙ୍ଗଗୁଡ଼ିକୁ ଦାନ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି। ଶ୍ରୀପତିଙ୍କ ବିୟୋଗରେ ପରିବାର ସହ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବିବାହ ଉତ୍ସବକୁ ଆସି ନିଖୋଜ ଥିଲେ ନାବାଳକ

# ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ




ରାଇରଙ୍ଗପୁର,୨।୫(ସମିସ): ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିବା ନାବାଳକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ପ୍ରାୟ ୫ ଦିନ ଧରି ନିଖୋଜ ଥିବା ନାବାଳକଙ୍କ ମୃତଦେହ ଏକ ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ଉଦ୍ଧାର କରାଯାଇଛି। ମୃତ ନାବାଳକ ବିହାର ରାଜ୍ୟର ସନ୍ଦେଶ ଥାନା ଅନ୍ତର୍ଗତ ଆରଭୋଜପୁର ଅଞ୍ଚଳର କିଶୋର ସାଓଙ୍କ ପୁଅ ରିବେଲ କୁମାର(୧୨) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଗତ ଏପ୍ରିଲ ୨୭ ତାରିଖରେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୩ନଂ ୱାର୍ଡର ସାକିଲାଡିହି କଲ୍ୟାଣ ମଣ୍ଡପରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରିବେଲ ରାଇରଙ୍ଗପୁର ଆସିଥିଲେ। ରାତି ପ୍ରାୟ ୧୧.୩୦ ସମୟରେ ନିଜ ଜେଜେମା ସହିତ ଆସିଥିବା ନାବାଳକ ଜଣକ ନିଖୋଜ ହୋଇଯାଇଥିଲେ। ନିଖୋଜ ପରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ କୌଣସି ପତ୍ତା ମିଳି ନ ଥିଲା। ଫଳରେ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ସକାଳ ସମୟରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ସାହିରେ ପଶୁପତି ଦଣ୍ଡପାଟଙ୍କ ଘର ପରିସରରେ ଥିବା ପରିତ୍ୟକ୍ତ ଖୋଲା ପାଇଖାନା ଟାଙ୍କିରୁ ଦୁର୍ଗନ୍ଧ ବାହାରୁଥିବାରୁ ଯାଞ୍ଚ କରିଥିଲେ। ମୃତଦେହ ଦେଖି ତୁରନ୍ତ ପୁଲିସକୁ ଖବର ଦିଆଯାଇଥିଲା। ରାଇରଙ୍ଗପୁର ଏଏସପି ଯଦୁନାଥ ଜେନା, ଏସଡିପିଓ ବିରେନ୍ଦ୍ର ସେନାପତି, ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଖୋଲା ପାଇଖାନା ଟାଙ୍କିରେ ନାବାଳକ ମୁହଁ ମାଡ଼ି ଭାସୁଥିବା ଦେଖିବାକୁ ପାଇଥିଲେ। ନାବାଳକ ମୃତଦେହ ୫ ଦିନ ଧରି ପଡି ପଚି ଦୁର୍ଗନ୍ଧ ହେଉଥିବାରୁ ଘଟଣା ଜଣାପଡିଥିଲା। ସ୍ଥାନୀୟ ଲୋକେ ଏହି ଘଟଣାକୁ ହତ୍ୟା ସନ୍ଦେହ କରୁଥିବାବେଳେ ପୁଲିସ ମୃତଦେହକୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କଲେ ଘଟଣା ବାବଦରେ ଜଣାପଡିବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଅଧିକ ସୂଚନା ମିଳିପାରିବ। ଜଣେ ନାବାଳକର ମୃତଦେହ ଉଦ୍ଧାର ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ବିଜେଡି ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ



ବାରିପଦା,୨।୫(ସମିସ): ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉପଲକ୍ଷେ ବିଜୁ ଜନତା ଦଳ ପକ୍ଷରୁ ପାଲବଣିସ୍ଥ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପ୍ରତିମୂର୍ତ୍ତିରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡିଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବିଜେଡି ଜିଲ୍ଲା ସଭାପତି ମୟୂରଭଞ୍ଜ ସଦର ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ସହରର ସଭାପତି ପ୍ରଭାତ ମହାନ୍ତି, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ବରିଷ୍ଠ ନେତା ପ୍ରଭାତ ନାୟକ, ସରୋଜ ମହାପାତ୍ର, ପୂର୍ବତନ ଖଦି ବୋର୍ଡର୍ ନିର୍ଦ୍ଦେଶକ ସରୋଜ ବୋଷ, କାଉନସିଲର ସୁକେସିନୀ ସେଠୀ, ଅନୁରାଧା ମହାନ୍ତି, ପୂଜା ତୋରେଇ, ପ୍ରଭାତୀ ପୃଷ୍ଟି, କୁମାର ମୁଖୀ, ଜିତା ସିଂ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସମାଜ ସେବୀ ଅମର ସେଠୀ, ଲଲାଟେନ୍ଦୁ ବେହେରା, ଅମ୍ବିକା ରାଉତ, ଦୀପକ ମଡୁଆଳ, ସ୍ୱାଧୀନ ମାରାଣ୍ଡି, ଲବ ହାଁସଦା, ରାମ ମାଣ୍ଡି, ହରିଶ ହେମ୍ବ୍ରମ, କମରେନ୍ଦ୍ର ଟୁଡୁ, ତ୍ରିଲୋଚନ ମାଝୀ, ଗୋପୀନାଥ ଟୁଡୁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

## ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଉଦଳା,୨।୫(ସମିସ): ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶରତ ଚନ୍ଦ୍ର ସାହୁ ୩୯ ବର୍ଷ ଧରି କାର୍ଯ୍ୟ କରି ଆଜି ଅବସର ନେଇଛନ୍ତି। ସେ ଜଣେ କର୍ତ୍ତବ୍ୟ ପରାୟଣ ଓ ଦାୟିତ୍ୱ ସଂପନ୍ନ ବ୍ୟକ୍ତି ଥିଲେ। କଲେଜ ଆରମ୍ଭରୁ କାର୍ଯ୍ୟ କରି ଅନେକ ଘାତପ୍ରତିଘାତକୁ ଅତିକ୍ରମ କରି ଆଜି ମହାବିଦ୍ୟାଳୟକୁ ମହାଦ୍ରୁମରେ ପରିଣତ କରିବାରେ ତାଙ୍କର ଅବଦାନକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ପ୍ରଶଂସା କରିଥିଲେ। ଶେଷରେ ଅଧ୍ୟକ୍ଷା ତାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶିକ୍ଷକ ଗୋଲକ ବେଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କପ୍ତିପଦା,୨।୫(ସମିସ): ସ୍ଥାନୀୟ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ବେଜ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଥିବାରୁ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କପ୍ତିପଦା କ୍ଲଷ୍ଟରର ସିଆରସିସି ଆଶୁତୋଷ ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ ସାହୁ, ରାଜେନ୍ଦ୍ର ଶତପଥୀ, ପ୍ରଫୁଲ୍ଲ ବରାଳ, ଅଶୋକ ସେଠୀ, ଚିତ୍ତରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀ ବେଜଙ୍କୁ ମଧ୍ୟ ନିଜ



ବିଦ୍ୟାଳୟ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ ନାୟକ, ଶିକ୍ଷୟିତ୍ରୀ ମମତା ମହାପାତ୍ର, ଆରତୀ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଗୋପିନାଥ ନାୟକ, ଶିକ୍ଷା କମିଟି ଚେୟାରମ୍ୟାନ ରଞ୍ଜନ ଦାସ, ସଦସ୍ୟ ପଙ୍କଜ ଦାସ, ମନୋଜ ଦାସ, ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦାନ କରିଥିଲେ। ଶ୍ରୀ ବେଜ ଏକାଧାରରେ କବି, ଲେଖକ, ଗାଳ୍ପିକ, କଳାକାର, ସାମ୍ବାଦିକ। ଆଦର୍ଶ ଶିକ୍ଷକ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କଠାରୁ କୃତି ଶିକ୍ଷକ ସମ୍ମାନ, ଜିଲ୍ଲାପାଳଙ୍କଠାରୁ ଜିଲ୍ଲାର କୃତି ଶିକ୍ଷକ ସମ୍ମାନ ଓ ରାଜ୍ୟ ସ୍ତରରେ ବହୁ ସମ୍ମାନ ଲାଭ କରିଛନ୍ତି।

## ପୋଖରୀ ସୌନ୍ଦର୍ଯ୍ୟକରଣ କାମରେ ଅନିୟମିତତା ଅଭିଯୋଗ

ବେତନଟୀ, ୨।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଓ ଖୁଣ୍ଟା ଅଞ୍ଚଳରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ପୋଖରୀ ସୌନ୍ଦର୍ଯ୍ୟକରଣ କାମରେ ଅନିୟମିତତା ନେଇ ଅଭିଯୋଗ ହେଉଛି। ପତଡ଼ା ଗ୍ରାମର ଦୁଖେଇଖୁଣ୍ଟା ପୋଖରୀରେ ଜେସିବି ମେସିନ୍ ଓ ଟ୍ରାକ୍ଟର



ଯୋଗେ ମାଟି ଉତ୍ତୋଳନ କରି ଅନ୍ୟତ୍ର ବିକ୍ରି କରାଯାଉଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟ ସ୍ଥଳରେ କୌଣସି ଫଳକ ଲଗାଯାଇନାହିଁ। ଅନୁମୋଦିତ ଅର୍ଥରାଶି ବା ଦୈନିକ ମଜୁରିର ବିବରଣୀ ପ୍ରଦର୍ଶିତ ହୋଇନାହିଁ। ଦିନରାତି ମାଟି ଖୋଳା ହୋଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଗ୍ରାମବାସୀ ଜୁଗୁପୁରା ନିକଟସ୍ଥ ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ତହସିଲଦାରଙ୍କୁ ଫୋନ୍ ଯୋଗେ ଜଣାଇଥିଲେ, କିନ୍ତୁ ସେମାନେ ଏହାକୁ ଲଘୁ ଖଣିଜ ବିଭାଗର କାର୍ଯ୍ୟ ବୋଲି କହି ଦାୟିତ୍ୱରୁ ଏଡ଼ାଇଯାଇଛନ୍ତି। ଖଣି ବିଭାଗ ଅଧିକାରୀ ମଧ୍ୟ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଜଣାଇବା କଥା କହିଥିଲେ। କିନ୍ତୁ ୧୦ଟି ଟ୍ରାକ୍ଟର ଯୋଗେ ମାଟି ଚାଲାଣ ଜାରି ରହିଥିଲା। ଗ୍ରାମବାସୀ ତୁରନ୍ତ ଏହି କାମ ବନ୍ଦ କରି ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ନଚେତ ବ୍ଲକ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ଗ୍ରାମୀଣ ଉନ୍ନୟନ ଯୋଜନାରେ ସ୍ୱଚ୍ଛତା ଓ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନିକ ସ୍ତରରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

## ବଡ଼ଖଲାଡି ଗ୍ରାମରେ ଚନ୍ଦନ ପୂର୍ଣ୍ଣିମା

କପ୍ତିପଦା,୨।୫(ସମିସ): ଚନ୍ଦନ ପର୍ବ ଏକ ଆଧ୍ୟାତ୍ମିକ ଓ ଜଗନ୍ନାଥ ସଂସ୍କୃତିର ପ୍ରତୀକ। ଓଡ଼ିଶାରେ ୧୨ ମାସରେ ତେର ପର୍ବର ମଧ୍ୟରୁ ଚନ୍ଦନ ପୂର୍ଣ୍ଣିମା ଅନ୍ୟତମ। ଶ୍ରୀମନ୍ଦିରରେ ଏହି ପରମ୍ପରା ପାଳିତ ହେଉଥିବାବେଳେ କପ୍ତିପଦା ବ୍ଲକର ପେଡାଗଡି, ଗୈଡଗାଁରେ ଏହି ଉତ୍ସବ ଦୀର୍ଘଦିନ ଧରି ପାଳନ ହୋଇଆସୁଛି। ଏ ବର୍ଷ ପ୍ରଥମଥର ପାଇଁ ବଡ଼ଖଲାଡିରେ ପାଳନ ହୋଇଛି



ଚନ୍ଦନ ପର୍ବ। ଆଧ୍ୟାତ୍ମିକ ବାତାବରଣରେ କପ୍ତିପଦା ରାଜା ସୌରଭ ଚନ୍ଦ୍ର ପରାକ୍ରମବାହୁ ଭୂଜଙ୍ଗ ମାନ୍ଧାତା ଓ ଠାକୁର ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ଆମନ୍ତ୍ରଣ କରାଯାଇ ଶଙ୍ଖ, ଘଣ୍ଟଘଣ୍ଟା, କାହାଳି ଓ ଭଜନ କୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରି ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ପୂଜାପାଠ ପରେ ରାଜା ନୀଳସାଗର ନାମରେ ପୁଷ୍କରିଣୀର ନାମାଙ୍କନ କରିବା ପରେ ଉଦଘାଟନ ପୂର୍ବକ ଠାକୁରଙ୍କୁ ନୌକାରେ ପ୍ରତିଷ୍ଠା କରାଯାଇଥିଲା ଓ ବିଧି ଅନୁସାରେ ଠାକୁର ଚାପ ଖେଳିଥିଲେ। ଗ୍ରାମର ସେବା ନିବୃତ୍ତ ବରିଷ୍ଠ ମୁକୁନ୍ଦ ଶଙ୍ଖୁଆ ନାମରେ ଜଣେ ବ୍ୟକ୍ତି ଏହି ଉତ୍ସବର ଆରମ୍ଭ କରିବା ସହିତ ଆଗାମୀ ଦିନରେ ଗ୍ରାମବାସୀ ଏହାକୁ ପାରମ୍ପାରିକ ରୀତିନୀତିରେ ପାଳନ କରିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ଭାଗବତ ସାହୁ, ମୁକୁନ୍ଦ ଶଙ୍ଖୁଆ, ଗୋଲକ ବିହାରୀ ଶଙ୍ଖୁଆ, ସତୀଶ ଚନ୍ଦ୍ର ବେହେରା, ସାମ୍ବାଦିକ ସନ୍ତୋଷ ଶତପଥୀ ପ୍ରମୁଖ ସହଯୋଗ କରିଥିବାବେଳେ ଶିକ୍ଷକ ସନ୍ତୋଷ ସାହୁ ପରିଚାଳନା କରିଥିଲେ। ସମାଜସେବୀ ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୃଙ୍ଖଳାହାର ବନ୍ଧରୁ ଅଲୋଡ଼ା ବିଦ୍ୟୁତ୍ ଖୁଣ୍ଟ ଉଠାଯିବା ଦାବି



ବେତନଟୀ,୨।୫(ସମିସ): ବେତନଟୀର ନିଆଁ ଲିଭାକେନ୍ଦ୍ର ଛକଠାରୁ ଶୃଙ୍ଖଳାହାର ବନ୍ଧଆଡିରେ ପ୍ରାୟ ଅଧା କିଲୋମିଟର ପଶ୍ଚିମକୁ ଗଲେ ବେତନଟୀ ଶ୍ମଶାନ ଛକ ପଡ଼ିଥାଏ। ଏହି ବନ୍ଧ ଆଡିର ମାଟି ରାସ୍ତା କ୍ରମଶଃ ପିଚ୍ ରାସ୍ତାରେ ପରିଣତ ହୋଇଛି। କିନ୍ତୁ ବନ୍ଧ ରାସ୍ତାର ପଶ୍ଚିମ ମୁଣ୍ଡରେ ଥିବା ଅଣଓସାରିଆ ଦୁର୍ବଳ ପୋଲଟି ପୂର୍ବବତ୍ ରହିଛି। ଏଠାରେ ଓସାରିଆ ପୋଲ ନିହାତି ଦରକାର। ଏହି ବନ୍ଧ ଆଡି ରାସ୍ତାଟି ଆମ୍ବଯୋଡ଼ା ପଟୁ ଆସି ନୂତନ ଜେଏମଏଫ୍‌ସି କୋର୍ଟ, ବେତନଟୀ ହାଟ ସହ ମୁଖ୍ୟ ବଜାର ରାସ୍ତାରେ ମିଶିଛି। ପୂର୍ବରେ ଜାତୀୟ ରାଜପଥ ୧୮ ଓ ଗବପାଳ, ପଣ୍ଡୁଗଡ଼ିଆ, କୋଠସାହି ହୋଇ ନୂଆଗାଁ, ସର୍ବଣା ଇତ୍ୟାଦି ଗ୍ରାମକୁ ସଂଯୋଗ କରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ପରିଣତ ହୋଇଛି। ଏହି ବନ୍ଧଆଡି ରାସ୍ତାର ଗୋଟିଏ ପାଖରେ ୧୧ କେଭି ଓ ଅନ୍ୟ ପାଖରେ ୩୩ କେଭି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାରରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ ହେଉଛି। କିନ୍ତୁ ଏହି ନୂତନ ଓ ଉଚ୍ଚ ବିଦ୍ୟୁତ ଖୁଣ୍ଟ ତଳେ ଅନେକ ପୁରୁଣା ତାର ନ ଥିବା ଅଦରକାରୀ ବିଦ୍ୟୁତ୍ ଖୁଣ୍ଟ ଅଣଓସାରିଆ ରାସ୍ତାରେ ପ୍ରତିବନ୍ଧକ ସାଜିଛି। ସେଠାରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିରେ ଛୋଟବଡ ଦୁର୍ଘଟଣା ଘଟୁଛି। ଆଡ଼ିବନ୍ଧର ଗୋଟିଏ ପଟେ ବନ୍ଧର ପାଣି ତ ଅନ୍ୟପଟେ ୧୦ ଫୁଟର ଖାଲ ଭୟ। ଚାରିଚକିଆ ଗାଡ଼ି ଯିବାଆସିବାରେ ପୁରୁଣା ବିଦ୍ୟୁତ ଲୁହା ଖୁଣ୍ଟା ସମସ୍ୟା ହୋଇ ଛିଡ଼ା ହୋଇଛି। ଏହାକୁ ଅବିଳମ୍ବେ ଅପସାରଣ ଓ ଓସାରିଆ ପୋଲ ନିର୍ମାଣ ନିମନ୍ତେ ବେତନଟୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଭିଲ ସୋସାଇଟି ଦୃଢ ଦାବି କରୁଛି।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ପାଇଁ ଖେଳାଳି ଚୟନ ୪ରେ

ବାରିପଦା, ୨।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଆଗ୍ରହୀ ଖେଳାଳି ଉକ୍ତ ଦିନ ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଶିକ୍ଷାଗତ ପ୍ରମାଣପତ୍ର, ଶେଷ ୩ ବର୍ଷର ବିଦ୍ୟାଳୟ ମାର୍କସିଟ, ଆଧାର କାର୍ଡ ଓ ପାସପୋର୍ଟ ଫଟୋ ସହ ବାରିପଦା ଷ୍ଟାଡିୟମ କାର୍ଯ୍ୟାଳୟରେ ନିଜ ନିଜର ନାମ ପଞ୍ଜୀକରଣ କରିପାରିବେ। ଖେଳାଳିଙ୍କ ଜନ୍ମ ୧।୯।୨୦୦୭ରୁ ୧।୯।୨୦୧୦ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ବୈଠକ

ଉଦଳା, ୨।୫(ସମିସ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଉଦଳା ବ୍ଲକର ନୁଆଗାଁ ପଞ୍ଚାୟତରେ କୁଣ୍ଡାବାଇ ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତକୁ ନେଇ



ଇଲେକ୍ଟ୍ରି ସ୍ମାର୍ଟ ମିଟର କାହିଁକି ଘରେ ଲଗାଇବେ ନାହିଁ ଓ ବର୍ତ୍ତମାନ ୧୨ ବର୍ଷରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଏଚ୍‌ପିଭି ଟିକାକରଣ ସରକାରଙ୍କ ଦ୍ୱାରା ହେଉଥିବା ସମୟରେ କାହିଁକି ଏହି ଟିକା ନ ନେବା ଦରକାର ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପ୍ରଭାରୀ ଚିନୁ ଦାଶ କହିଛନ୍ତି,୨୦୨୪ ନିର୍ବାଚନ ପୂର୍ବରୁ ସରକାର ବିଜୁଳି ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବା କଥା କହି ଏବେ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ କିପରି ଆଗୁଆ ବିଦ୍ୟୁତ୍ ବିଲ୍ ଆଦାୟ କରିବେ ସେ ନେଇ କମ୍ପାନୀ ଘରେ ଘରେ ସ୍ମାର୍ଟ ମିଟର ଲଗାଇବାରେ ଲାଗିଛି। ଏହି ସ୍ମାର୍ଟ ମିଟର ଗରିବ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବା ସହିତ ବିଜୁଳି ସମ୍ପୂର୍ଣ୍ଣ କମ୍ପାନୀ ହାତକୁ ଚାଲିଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସରଭାଇକାଲ୍ କ୍ୟାନସରକୁ ରୋକିବା ନାମରେ ଏଚ୍‌ପିଭି ଟିକାକରଣ ଉପରେ ପ୍ରଶ୍ନ ଉଠାଇଛି ସଂଗଠନ। କରୋନା ଭ୍ୟାକ୍ସିନ୍ ନେବା ଦ୍ୱାରା ବିଭିନ୍ନ ରୋଗରେ ପୀଡ଼ିତ ରୋଗୀଙ୍କୁ ସରକାର କୌଣସି କ୍ଷତିପୂରଣ ଦେବେ ନାହିଁ, ଭ୍ୟାକ୍ସିନ୍ ସ୍ୱେଚ୍ଛାକୃତ ୨୦୨୩ରେ ସରକାର କହିଥିଲେ। କିନ୍ତୁ ପରୋକ୍ଷରେ ଗାଁ ଓ ସହରରେ ଭ୍ୟାକ୍ସିନ୍ ନେବାକୁ ସ୍ୱାସ୍ଥ୍ୟ କର୍ମଚାରୀ ଓ ସରକାର ଲୋକଙ୍କୁ ବାଧ୍ୟ କରିଥିଲେ। ଏବେ କିଶୋରୀମାନେ ଏଚ୍‌ପିଭି ଟିକା ନେବା ଦ୍ୱାରା ଯଦି କୌଣସି ଶାରିରୀକ ସମସ୍ୟା ଦେଖାଦିଏ, ତେବେ ସରକାର ସେଥିପାଇଁ ଦାୟୀ ରହିବେ କି ପ୍ରଶ୍ନ କରିଥିଲେ ଶ୍ରୀ ଦାଶ। ଉକ୍ତ ବୈଠକରେ ସ୍ମାର୍ଟ ମିଟର ଓ ଏଚ୍‌ପିଭି ଟିକାକୁ ବିରୋଧ କରାଯାଇଥିଲା। ବାଇଧର ସିଂ, ଦଲୁରାମ ସିଂ, ରାଧାମୋହନ ବେହେରା, ରଇଦାଶ ଦଳେଇ, ରାମଚନ୍ଦ୍ର ବେହେରା, ମକରା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସାତକୋଶିଆ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମହୁଲଡିହା,୨।୫(ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଦର୍ଶ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଦୁଇଜଣ ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଚି। ୧୯୯୨ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ଆରମ୍ଭରୁ ଦୀର୍ଘଦିନ ଧରି ଶିକ୍ଷକତା କରି ଏଠାରୁ ଅବସର ନେଇଛନ୍ତି। ପ୍ରଧାନଶିକ୍ଷକ ରବୀନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ମନୋଜ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ସାତକୋଶିଆ ପଞ୍ଚାୟତ ସରପଞ୍ଚ ଚାନ୍ଦମଣି ଜାରିକା, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା କୋଡ଼ପଡ଼ା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରମେଶ ବେଜ, ଅବସରପ୍ରାପ୍ତ ବରିଷ୍ଠ କିରାଣି ସୁକଦେବ ଓଝା, ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିରଞ୍ଜନ ପାତ୍ର, ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ମହାନ୍ତ, ବିଦ୍ୟାଳୟର ପୂର୍ବତନ ପରିଚାଳନା ସଦସ୍ୟ ବାବୁଲି ହାଇବୁରୁ, ଦିଲ୍ଲୀପ ନାୟକ, ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମହୁଲଡିହା ସରପଞ୍ଚ ଚମ୍ପାବତୀ ଟୁଡୁ, ଧାତିକିଡିହା ସରପଞ୍ଚ କରୁଣାକର ନାୟକ ଓ ସମିତି ସଭ୍ୟା ପିନିମଣୀ କୁଲୁଆ, ସମାଜସେବୀ ଅଭିରାମ ନାଏକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଶ୍ରୀକାନ୍ତ ରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସର ନେଇଥିବା ସଂସ୍କୃତ ଶିକ୍ଷକ ସୁବ୍ରତ କୁମାର ଦାଶ ଓ ସହକାରୀ ଶିକ୍ଷକ ଛବିନ୍ଦ୍ର ସାହୁଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ଭରତ ସାମଲ ମାନପତ୍ର ପାଠ କରିଥିଲେ। ସହକାରୀ ଶିକ୍ଷକ ମହେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କାକବନ୍ଧରେ ହାତୀ ପଲ



ରାସଗୋବିନ୍ଦପୁର,୨।୫(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ କାକବନ୍ଧ ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ସମୟରେ ହାତୀ ପଲ ଦେଖାଦେଇଥିବାରୁ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ହାତୀ ପଲ ଜଳେଶ୍ୱର-ବାରିପଦା ମୁଖ୍ୟ ରାସ୍ତା ମୁହାଁ ହେଉଥିବାବେଳେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଲୋକଙ୍କ ଭିଡ଼ ଦେଖି ହାତୀମାନେ ଗୋଟିଏ ସ୍ଥାନରେ ରହିଯାଇଥିବା ଦେଖାଯାଇଛି। ଫଳରେ ପରିସ୍ଥିତି ଅଧିକ ସଙ୍କଟପୂର୍ଣ୍ଣ ହୋଇଯାଇଥିଲା। ଏଭଳି ସମୟରେ ଅନିୟନ୍ତ୍ରିତ ଭିଡ଼ ହାତୀଙ୍କୁ ଉତ୍ତେଜିତ କରିପାରେ ବୋଲି ବନ ବିଭାଗ ପକ୍ଷରୁ ସଚେତନତା ଜାରି କରାଯାଇଥିଲା। ରେଞ୍ଜର ଘନଶ୍ୟାମ ସିଂଙ୍କ କହିଛନ୍ତି, ଇଟାହାରି ଅଞ୍ଚଳରେ ପ୍ରାୟ ୬୦ଟି ଓ କାକବନ୍ଧ ଅଞ୍ଚଳରେ ପ୍ରାୟ ୨୦ଟି ହାତୀ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ ହାତୀ ପଲ ଦେଖି ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀମାନେ ଯେପରି ଗାଁ ମୁହାଁ ନ ହୁଅନ୍ତି, ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## 'ପ୍ରାକୃତିକ ସମ୍ପଦର ଉପଯୋଗରେ ଆତ୍ମନିର୍ଭରଶୀଳ ହେବ ମୟୂରଭଞ୍ଜ' ପ୍ରତିଯୋଗିତା

# ମିଷ୍ଟର ଏମ୍‌ବିଜେ-୨୦୦୪ ପ୍ରଥମ, ଡବ୍ଲୁଏଚ୍ ପ୍ରାଉଡ ଅଫିସିଆଲ ଦ୍ୱିତୀୟ



ବାରିପଦା, ୨।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା ଚାଷ ଓ ଚାଷୀ ସମସ୍ୟା, ପାନୀୟଜଳ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଶିକ୍ଷା ସମସ୍ୟାକୁ ନେଇ ଭଞ୍ଜସେନା ପକ୍ଷରୁ ଆୟୋଜିତ ରିଲ୍ସ ପ୍ରତିଯୋଗିତା 'ପ୍ରାକୃତିକ ସମ୍ପଦର ଉପଯୋଗରେ ଆତ୍ମନିର୍ଭରଶୀଳ ହେବ ମୟୂରଭଞ୍ଜ'ର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଦାରଗାଡାହି ଗୋଲେଇସ୍ଥ ନର୍ମଦା ବିବାହ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଯୋଗ ଦେଇଥିଲେ। ତାଙ୍କ ସହିତ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀକୁ ନେଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଗୁଡିକର ଉଚିତ୍ ବ୍ୟବସାୟୀକରଣ ସହିତ କୁଟୀର ଶିଳ୍ପ ମାଧ୍ୟମରେ ବେକାରୀ ସମସ୍ୟାରେ ଜର୍ଜରିତ ଜିଲ୍ଲାର ବେକାରୀଙ୍କୁ ରୋଜଗାରକ୍ଷମ କରିବା ସହିତ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ବାବଦରେ ଆଲୋଚନା କରିଥିଲେ। ଏ ଅବସରରେ ଅତିଥି ଓ ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ରିଲ୍ସ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ପାଞ୍ଚ ବିଜେତାଙ୍କ ମଧ୍ୟରେ ମିଷ୍ଟର ଏମବିଜେ ୨୦୦୪ ପ୍ରଥମ ପୁରସ୍କାର ୧,୫୦,୦୦୦ ଟଙ୍କା, ଡବ୍ଲୁଏଚ ପ୍ରାଉଡ ଅଫିସିଆଲ ଦ୍ୱିତୀୟ ପୁରସ୍କାର ୧,୨୫,୦୦୦ ଟଙ୍କା, ଏମବିଜେ ଷ୍ଟୁଡିଓ ତୃତୀୟ ପୁରସ୍କାର ୧ ଲକ୍ଷ ଟଙ୍କା, ମୟୂରଭଞ୍ଜ ସୋନା ସିଂ ଚତୁର୍ଥ ପୁରସ୍କାର ୭୫ହଜାର ଟଙ୍କା, ସିନୁବଟ୍ରିକ୍ସ ପଞ୍ଚମ ପୁରସ୍କାର ବାବଦକୁ ୫୦ହଜାର ଟଙ୍କା ପାଇଥିବାବେଳେ ଅନ୍ୟ ୧୦ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଫେସର ରଞ୍ଜିତ ସାହୁ ସଭା ପରିଚାଳନା କରିଥିଲେ।

ପ୍ରାରମ୍ଭରେ ସଂଗଠନ ପକ୍ଷରୁ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ନେତୃତ୍ୱରେ ବାରିପଦା ଅମ୍ବିକା ମନ୍ଦିର ସମ୍ମୁଖରୁ ଅପରାହ୍ନ ୫ ଘଟିକାଠାରୁ ଏକ ବାଇକ୍ ରାଲି ବାହାରି ସହର ପରିକ୍ରମା ପରେ ନର୍ମଦା ବିବାହ ମଣ୍ଡପରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧ୍ୟକ୍ଷ କନିକା ବୋଷ, ଦକ୍ଷିଣା ମହାନ୍ତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସକେ ରାଜା ଖାନ୍, ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ଉପସଭାପତି ଡ. ପ୍ରୀତମ ପଣ୍ଡା, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ ପ୍ରମୁଖଙ୍କ ସହିତ ରିଲ୍ସ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସଡ଼ର ଆନ୍ତର୍ଜାତିକ ଯୁବ ଟ୍ୟୁବର ତଥା ବ୍ଲୋଗର ଲବ ହାଁସଦା, ଅଭିନେତା ତାପସ ପାତ୍ରୀ, ପଙ୍କଜ କରଣ, ମନୋଜ ପାତ୍ର, ସଞ୍ଜୟ ମହାର୍ଣ୍ଣା, ସଞ୍ଜୟ ମହାନ୍ତ, ଦୀପକ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ

# ମୟୂରଭଞ୍ଜରେ ୯୭.୫୨ ପ୍ରତିଶତ ପାସ୍; ଆଗରେ ଛାତ୍ରୀ

**ବାରିପଦା, ୨।୫(ସମିସ)**

ଚଳିତ ବର୍ଷ ପ୍ରକାଶିତ ମ୍ୟାଟ୍ରିକ ପରୀକ୍ଷା ଫଳାଫଳ ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ପାସହାର ୯୭.୫୨ ପ୍ରତିଶତ ରହିଛି। ଜିଲ୍ଲାର ୬୨୦ଟି ହାଇସ୍କୁଲର ୩୧୭୩୨ ଜଣ ନିୟମିତ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ ୭୫୦ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୨୧୩ ଜଣ ଅର୍ଥାତ ୯୭.୫୨ ପ୍ରତିଶତ ହାରରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ହଜାର ୨୧୩ ଜଣ ଛାତ୍ର ଥିବାବେଳେ ୧୬ ହଜାର ଛାତ୍ରୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଏ-୧ରେ ୧୪୬ ଜଣ ସ୍ଥାନ ପାଇଥିବାବେଳେ ଏହା ଜିଲ୍ଲା ପାଇଁ ସର୍ବକାଳୀନ ରେକର୍ଡ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

ସେହିପରି ଏ-୨ରେ ୬୭୫ ଜଣ, ବି-୧ରେ ୧ ହଜାର ୬୩୧ ଜଣ, ବି-୨ରେ ୩ ହଜାର ୬୦୯ ଜଣ, ସିରେ ୭ ହଜାର ୦୮୩ ଜଣ, ଡିରେ ୧୦ ହଜାର ୪୮୭ ଜଣ ଓ ଇ -ଗ୍ରେଡରେ ୬ ହଜାର ୫୮୨ ଜଣ ପାସ କରିଥିବାବେଳେ ୭୬୯ ଜଣ ଫେଲ ହୋଇଛନ୍ତି। ୨୮୪ଟି ହାଇସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଜିଲ୍ଲାର ବାରିପଦା ବିଦ୍ୟାବିହାର ହାଇସ୍କୁଲର ସର୍ବାଧିକ ୨୬ ଜଣ ଛାତ୍ରଛାତ୍ରୀ ଏ-୧ ପାଇଥିବାବେଳେ ଟିକରପଡ଼ା ହାଇସ୍କୁଲର ୨୧ ଜଣ, ଶଙ୍ଖାଭଙ୍ଗା ହାଇସ୍କୁଲର ୧୨ ଜଣ, କେନ୍ଦୁଝରାଣୀ ଆବାସିକ ସରସ୍ୱତୀ ଶିଶୁମନ୍ଦିରର ୧୦ ଜଣ, ବାରିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ ଜଣ, କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ ଜଣ, ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଏମକେସି ହାଇସ୍କୁଲର ୪ ଜଣ ଲେଖାଏଁ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପୋଡାଅସ୍ତିଆ ହାଇସ୍କୁଲ, ଆମ୍ବସିକଡା ହାଇସ୍କୁଲ, ବାଳିକା ହାଇସ୍କୁଲ, ନୀଳମଣି ହାଇସ୍କୁଲ, ଉଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାଇସ୍କୁଲର ତିନିଜଣ ଲେଖାଏଁ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶ୍ରୀ ସେଠୀଙ୍କ କହିବାନୁଯାୟୀ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଚଳିତଥର ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା ହୋଇଥିଲା। କେହି ପରୀକ୍ଷାର୍ଥୀ କପି କରି ନ ଥିଲେ। ସେହିପରି ହାଇସ୍କୁଲମାନଙ୍କରେ ଉନ୍ନତ ଶିକ୍ଷାଦାନ ପଦ୍ଧତି ଓ ଶୃଙ୍ଖଳିତ କାର୍ଯ୍ୟକ୍ରମ ପାଇଁ ଚଳିତ ଥର ପାସ ହାର ମଧ୍ୟ ସର୍ବକାଳୀନ ରେକର୍ଡ ବୋଲି ସେ କହିଛନ୍ତି। ଏଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ, ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ପରୀକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଏ-୧ରେ ୧୪୬ ଜଣ, ୨୮୪ ହାଇସ୍କୁଲରେ ଶତପ୍ରତିଶତ ସଫଳତା**

# ସଦ୍‌ଭାବନା ସମିତିର ମାସିକ ସନ୍ଥ ଦିବସ



**ବାରିପଦା, ୨।୫(ସମିସ):** ଦୁର୍ବଳଙ୍କୁ ଶୋଷଣ, ପାରିବାରିକ କଷଣ, ଧର୍ମ ନାମରେ ଦୂଷଣ ବିରୁଦ୍ଧରେ ସତ୍ୟର ସମ୍ଭାଷଣ ହିଁ ପ୍ରକୃତ ପ୍ରବଚନ, ନଚେତ୍ ତାହା ପ୍ରହସନ। ବିଶ୍ୱ ଜନ ସମୁଦାୟକୁ ଭାଇଚାରା ପାଇଁ ପ୍ରଥମ ଜୟ ସନ୍ଥ-ଜୟ ସମାଜର ସ୍ଲୋଗାନ୍ ଦେଇ ସଦ୍‌ଭାବନା ସମିତିର ଗୋପବନ୍ଧୁ ଭବନରେ ୫୬୩ତମ ମାସିକ ସନ୍ଥ ଦିବସ କୋଷାଧ୍ୟକ୍ଷ ସନ୍ଦୀପ ଚାନ୍ଦଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ବୁଦ୍ଧ ପୂର୍ଣ୍ଣିମାରେ ପ୍ରଥମେ ଭଗବାନ ବୁଦ୍ଧ ଓ ସନ୍ଥ ଭୀମଭୋଇଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ବୁଦ୍ଧଦେବଙ୍କ ବାଣୀ ମତେ ପୁରୁଣା ପୁରାଣ ଶାସ୍ତ୍ର ଉପଦେଶଠାରୁ ନିଜେ ଉଦାହରଣ ହୋଇ ନିଜର ଅନୁଭବ ଶାସ୍ତ୍ର ସଭା ସମିତିରେ ଶିକ୍ଷା ଦିଏ ଯେ କର୍ମ ଘେନି ଧନ୍ୟ ସେ ହିଁ ପ୍ରକୃତ ଧନୀ ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ କଥାରେ ପତ୍ର ପତ୍ରିକାରେ ଛବିର ମଣିଷ ହେବାଠାରୁ କାମରେ ସତ୍ୟ ଶୋଧକ ସମାଜ ଗଠନ ପାଇଁ ପରିବର୍ତ୍ତନର ବାହକ ହେବା ମାନବ ଧର୍ମ ମନ୍ତବ୍ୟ ରଖିଥିଲେ। ପ୍ରସଙ୍ଗ ଉପରେ ମୁଖ୍ୟଅତିଥି ଡ ବିଜୟ ଅଗ୍ରୱାଲା, ମୁଖ୍ୟବକ୍ତା ରାଖାଲ ପରିଡ଼ା, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ପ୍ରଜାପିତା ପରିବାର ବ୍ରହ୍ମ କୁମାରୀ ଭାରତୀ, ବିରଜା ଦେବୀ, ଡ କୁଞ୍ଜବନ ପୃଷ୍ଟି, ଡ ଯୋଗେନ୍ଦ୍ର ନାଥ ପଣ୍ଡା, ଡ ରାଜେନ୍ଦ୍ର ସାମଲ, ନନ୍ଦକୁମାର ମହାପାତ୍ର, ଅଶୋକ ପଲେଇ ଓ ହିମାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇ ଯିଏ ନିଜ ସ୍ୱାର୍ଥ ପାଇଁ ବଞ୍ଚେ, ତାହା ତା'ର ଦାନବ ପ୍ରକୃତି ମାତ୍ର, ଯେ ପରହିତ ଲାଗି ପଥର ପଡ଼ିଲେ ସହେ, ତାହା ତା'ର ସଂସ୍କୃତି ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସମ୍ପାଦକ ମାନସ ମହାପାତ୍ର ସ୍ୱାଗତ ଓ ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ଯୁବକ ଗିରଫ

**ରାଇରଙ୍ଗପୁର, ୨।୫(ସମିସ):** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି ଯୁବକ। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଯୁବତୀ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଯୁବକଙ୍କୁ ଗିରଫ କରିଛି। ସୂଚନା ମୁତାବକ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣକାଟି ଗ୍ରାମର ଯୁବତୀ ଦୁଇବର୍ଷ ହେବ ମାଟ୍ରିମୋନିଆଲ ଜରିଆରେ ବିବାହ ଆବେଦନ କରିଥିଲେ। ବ୍ରହ୍ମପୁର ଜିଲ୍ଲାର ଆସ୍କା ଥାନା ଅଞ୍ଚଳର ଶୁଭଶ୍ରୀ ମହାନ୍ତି ତାଙ୍କ ଭାଇଙ୍କ ବିବାହ ନିମନ୍ତେ ଯୋଗାଯୋଗ କରିଥିଲେ। ତେବେ ତାଙ୍କ ଭାଇ ଜଣେ ସରକାରୀ ଚାକିରିଆ ଓ ଭଦ୍ର ବ୍ୟକ୍ତି ବୋଲି ମିଥ୍ୟା କହି ଘନିଷ୍ଠତା ଯୋଡିଥିଲେ। କିଛିଦିନ ପରେ ଯୁବତୀ ଜଣଙ୍କ ସତ୍ୟାସତ୍ୟ ବାବଦରେ ଜାଣିଥିଲେ। ଯୁବକ ଜଣକ ଜଣେ ପେଶାଦାର ଆସାମୀ ବୋଲି ଜାଣିବାକୁ ପାଇଥିଲେ। ତେଣୁ ବିବାହ କରିବାକୁ ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କୁ ଅନେକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ବିବାହ ପ୍ରସ୍ତାବ ପାଇଁ ଯୁବତୀଙ୍କ ଦିଆଯାଇଥିବା ଫଟୋ ଏଡିଟିଂ କରି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିଥିଲେ। ସେଗୁଡ଼ିକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗଞ୍ଜାମ ଜିଲ୍ଲାର ଧାରାକୋଟ ଥାନା ଅଞ୍ଚଳର କୁମୁଦା ଚନ୍ଦ୍ର ମହାନ୍ତି (୩୭) ରାଇରଙ୍ଗପୁର ଆସିଥିବାବେଳେ ଲଜରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'କେବଳ ଡିଗ୍ରୀ ନୁହେଁ, ସଫଳତା ପାଇଁ ଆବଶ୍ୟକ ସୁଦୃଢ଼ ପ୍ଲେସ୍‌ମେଣ୍ଟ ବ୍ୟବସ୍ଥା'



**ବାରିପଦା, ୨।୫(ସମିସ):** ତକତପୁରସ୍ଥ ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ ରଞ୍ଜନ କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ପାଟ୍ରନ ଭାବେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ଦୁଃଖବନ୍ଧୁ ନାୟକ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମନୋଜ ସଦୁଆଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ମୂଳମନ୍ତ୍ର ପ୍ରଦାନ କରିବା ସହ କେବଳ ଡିଗ୍ରୀ ନୁହେଁ, ସଫଳତା ପାଇଁ ଆବଶ୍ୟକ ସୁଦୃଢ଼ ପ୍ଲେସମେଣ୍ଟ ବ୍ୟବସ୍ଥା ବୋଲି ମତ ଦେଇଥିଲେ। ଜିଲ୍ଲା ବାର୍ ଆସୋସିଏସନ୍‌ର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବାର୍ ଆସୋସିଏସନ୍ ସଭାପତି ଜ୍ୟୋତିପ୍ରକାଶ ରଥ, ସମ୍ପାଦକ ବିପ୍ଳବ ବାରିକ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ. ପୁଷ୍ପାରାଣୀ ପାତ୍ର, ରୂପଶ୍ରୀ ବାରିକ ଓ ଆଇନ ପରାମର୍ଶଦାତା ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ଅରୁପ କୁମାର ଦେଓ ଏହି ଅବସରରେ ସଙ୍ଗୀତ ପରିବେଷଣ କରିଥିଲେ। ଏ ଅବସରରେ ଶ୍ରେଷ୍ଠ ଶିକ୍ଷକ (ପୁରୁଷ) ଭାବେ ଭକ୍ତଚରଣ ସୋରେନ, ଶ୍ରେଷ୍ଠ ଶିକ୍ଷକ (ମହିଳା) ଜୟଶ୍ରୀ ମିଶ୍ର, ଶ୍ରେଷ୍ଠ ଗବେଷକ (ଶିକ୍ଷକ) ଧୀରେନ୍ଦ୍ର ବେହେରା, ଶ୍ରେଷ୍ଠ ଅଣଶିକ୍ଷକ କର୍ମଚାରୀ ତାପସ ରଞ୍ଜନ ଜେନା ଓ ଅତୁଲ କୁମାର ମହାନ୍ତି ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ୨୦୨୫-୨୬ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଆଶିଷ ବେହେରା (ପୁରୁଷ) ଓ ନମିତା ଗିରି (ମହିଳା) ସମ୍ମାନିତ ହୋଇଥିଲେ। ବର୍ଷର ଶ୍ରେଷ୍ଠ ଷ୍ଟାର୍ ଛାତ୍ର ନିତିଶ ଭରଦ୍ୱାଜ, ତେଜସ୍ୱିନୀ ସାହୁ (ଶ୍ରେଷ୍ଠ ଛାତ୍ରୀ), ଦେବସ୍ମିତା ଦଳବେହେରା (ଶ୍ରେଷ୍ଠ ଗବେଷକ), ଦିବ୍ୟଜ୍ୟୋତି ଦଳବେହେରା (ସହକାରୀ ଗବେଷକ) ପୁରସ୍କୃତ ହୋଇଥିଲେ। ମୁଟ୍ କୋର୍ଟ ପ୍ରତିଯୋଗିତାରେ ପ୍ରଥମ ବକ୍ତା ଭାବେ ନମିତା ଗିରି, ଦ୍ୱିତୀୟ ବକ୍ତା ଆଶିଷ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଶ୍ରଦ୍ଧା ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ବେହେରା ଓ ଅଧ୍ୟାପିକା ଜୟଶ୍ରୀ ମିଶ୍ର ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିତିଶ ଭରଦ୍ୱାଜ, ବିକାଶ ଅଗ୍ରୱାଲ୍, ମହାଦେବ ମହାନ୍ତ, ଉପାସନା ସାହୁ, ଦେବସ୍ମିତା ଦଳବେହେରା, ଦେବଯାନୀ ଦାସ, ଓମି କୁମାର, ଫାଲଗୁନୀ ପାଣିଗ୍ରାହୀ, ରୂପାଲୀ ବରାଳ, ତେଜସ୍ୱିନୀ ସାହୁ, ଅନନ୍ତ କୁମାର ସିଂ, ଆଶିଷ କୁମାର ବେହେରା, ପ୍ରତିଭା ସାହୁ, ପୂର୍ଣ୍ଣିମା ଡୁଡୁ, ରାମହରି ସୋରେନ, ପ୍ରିୟାଂଶୁ ମହାପାତ୍ର, ରାମଚନ୍ଦ୍ର ସୋରେନ, ପ୍ରିୟବ୍ରତ ସିଂ ପ୍ରମୁଖ ଅଭିନୟ କରିଥିଲେ।

# ପୁଲିସ ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ବଦଳି

**ରାଇରଙ୍ଗପୁର, ୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ପୁଲିସ ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ବଦଳି ହୋଇଛି। ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡର ବିଭିନ୍ନ ଥାନାରେ ଏସଆଇ ଓ ଏଏସଆଇ ଅଦଳ ବଦଳ ହୋଇଛନ୍ତି। ବଡ଼ସାହି ଥାନାର ସନ୍ୟପ୍ରଭା ନାୟକଙ୍କ ବିଶୋଇ ଥାନା, ବିଶୋଇ ଥାନାର ଘନଶ୍ୟାମ ମଲ୍ଲିକଙ୍କ କରଞ୍ଜିଆ ଥାନା, କରଞ୍ଜିଆ ଥାନାର ଭାରତୀ ବାରିକଙ୍କ ରାଇରଙ୍ଗପୁର ଟାଉନ ଥାନା, ଯଶିପୁର ଥାନାର ଜୟଲଳିତା ସ୍ୱାଇଁଙ୍କ ବାରିପଦା ଟାଉନ ଥାନା, ରାଇରଙ୍ଗପୁର ଟାଉନ ଥାନାର ମିନତୀ ନାଏକଙ୍କ ଯଶିପୁର ଥାନା, ଝରପୋଖରିଆ ଥାନାର ଗଦାଧର ଭୋଇଙ୍କ ବିଶୋଇ ଥାନା, ବେତନଟୀ ଏସଡିପିଓ ଅଫିସର ମନୋଜ କୁମାର ରାଠୋଡ଼ଙ୍କ ରାଇରଙ୍ଗପୁର ଟାଉନ ଥାନା, ରାଇରଙ୍ଗପୁର ଟାଉନ ଥାନାର ସୁନାରାମ ମାଝୀଙ୍କ ଘାଗରବେଡା ଥାନା, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ରୀନା ମୁର୍ମୁଙ୍କ ରାଇରଙ୍ଗପୁର ଟାଉନ ଥାନା, ବିସୋଇ ଥାନାର କାହ୍ନୁ ଚରଣ ମାଝୀଙ୍କ କପ୍ତିପଦା ଥାନା, ଝରାଡ଼ିହି ଓପିର ବିଜୟ ନାଏକଙ୍କ ରାଇରଙ୍ଗପୁର ଟାଉନ ଥାନା, ସିଙ୍ଗଡ଼ା ବିଟର ତପନ ବାରିକଙ୍କ ଝରାଡ଼ିହି, କୃଷ୍ଣଚନ୍ଦ୍ରପୁର ଓପିର ସୂତାର କୁମାର ମହାନ୍ତଙ୍କ ସିଙ୍ଗଡ଼ା ବିଟ, ମଣଦା ବିଟର ଶରତ ଧଳଙ୍କ ବାଦାମପୁର ବିଟ, ଘାଗରବେଡା ଥାନାର ଲମ୍ବୋଧର ମହାନ୍ତଙ୍କ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଓ ରାଇରଙ୍ଗପୁର ଟାଉନ ଥାନାର ରାଜେନ୍ଦ୍ର ସାହୁଙ୍କ ମଣଦା ବିଟ୍‌କୁ ବଦଳି ହୋଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ତୁରନ୍ତ ବଦଳି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି।

# ଦଳୀୟ ବିଶୃଙ୍ଖଳା ପାଇଁ କଂଗ୍ରେସରୁ ଅରବିନ୍ଦ ନିଲମ୍ବିତ



**ବାରିପଦା, ୨।୫(ସମିସ):** ଦଳୀୟ ବିଶୃଙ୍ଖଳା ପାଇଁ କଂଗ୍ରେସ ଦଳରୁ ନିଲମ୍ବନ ହୋଇଛନ୍ତି ପୂର୍ବତନ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ। ଦଳର ରାଜ୍ୟ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀଙ୍କ ସୂଚନାନୁଯାୟୀ, କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁକୁ ନେଇ ଗତ ୧୮ ତାରିଖରେ କଂଗ୍ରେସ ଓ ବିଜେଡି ମିଳିତ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରୁଥିବା ସମୟରେ ପୂର୍ବତନ ଜିଲ୍ଲା ସଂଯୋଜକ ଶ୍ରୀ ଦାସ ବର୍ତ୍ତମାନର ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ହଠାତ୍ ଅଶାଳୀନ ବ୍ୟବହାର କରିବା ସହିତ ମାରିବାକୁ ଧମକ ଦେବା ଏକ ଦଳୀୟ ବିଶୃଙ୍ଖଳା। ଯାହାକି ଉପସ୍ଥିତ ଥିବା କଂଗ୍ରେସ ନେତା ଓ କର୍ମୀଙ୍କୁ ଗଭୀର ଆଘାତ ଦେଇଥିଲା। ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଅନୁଧ୍ୟାନ ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଜଣାଇଥିଲେ। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଢ଼ୀ ଅରବିନ୍ଦଙ୍କୁ ନିଲମ୍ବନ କରିଛନ୍ତି।

# ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ




**ବାରିପଦା, ୨।୫(ସମିସ):** ଆନ୍ତର୍ଜାତିକ ଶ୍ରମିକ ଦିବସ ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଆୟୋଜିତ ହୋଇଛି। ଏହି ଐତିହାସିକ ଦିବସ ଅବସରରେ ଟାଟାପାୱାର ଉତ୍ତର ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ)ରେ କାର୍ଯ୍ୟରତ ୨୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ଜ୍ୟୋତି କୃଷ୍ଣ ବେହେରାଙ୍କ ନେତୃତ୍ୱ ଓ ଜୋନାଲ ସେକ୍ରେଟାରୀ ହରିଶ ଦାଶଙ୍କ ମାର୍ଗଦର୍ଶନରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗଦାନ କରିଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ତଥା ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଚେୟାରମ୍ୟାନ ଦିଲ୍ଲୀପ ରାୟ ଓ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତିଙ୍କ ବଳିଷ୍ଠ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରାୟ ଶ୍ରମିକ ଏକତା, ଅଧିକାର ସୁରକ୍ଷା ଓ ସଂଗଠିତ ଆନ୍ଦୋଳନର ଆବଶ୍ୟକତା ଉପରେ ମୂଲ୍ୟବାନ ମତ ରଖିଥିଲେ। ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଏହି ଐତିହାସିକ ଯୋଗଦାନକୁ ସ୍ୱାଗତ କରିବା ସହ ସମସ୍ତ ନୂତନ ସଦସ୍ୟଙ୍କୁ ସଂଘରେ ଅଭିନନ୍ଦନ ଜଣାଇ ବର୍ତ୍ତମାନର ସ୍ଥିତିକୁ ଆଖିଆଗରେ ରଖି ବିଦ୍ୟୁତ ବଣ୍ଟନ ବିଭାଗର ମନମୁଖୀ କାର୍ଯ୍ୟକ୍ରମ ଓ ଶ୍ରମିକ ଛଟେଇ ନୀତି ବିରୁଦ୍ଧରେ ଶ୍ରମିକ ସ୍ୱାର୍ଥକୁ ସୁରକ୍ଷା ଦେଇ ଶ୍ରମିକ ଦିବସରେ ବାରିପଦା ଭଞ୍ଜ ମାଟିରୁ ସାରା ଓଡ଼ିଶା ବ୍ୟାପି ଶ୍ରମିକ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଯଦ୍ୱାରା ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ କରିବା ସଫଳ ହେବ। ମହାସଂଘର ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂହଙ୍କ ପ୍ରସ୍ତାବ ଓ ସହଯୋଗୀ କେନ୍ଦ୍ରୀୟ ଯୁଗ୍ମ ସମ୍ପାଦକ ସାଥି ଦେବାଶିଷ ପ୍ରଧାନଙ୍କ ସହମତି କ୍ରମେ ସହ ସାଧାରଣ ସମ୍ପାଦକ ଭାବେ ଜ୍ୟୋତିକୃଷ୍ଣ ବେହେରାଙ୍କୁ ଚୟନ କରାଯାଇଥିଲା। ଏଥିସହ ଜ୍ଞାନରଞ୍ଜନ ପରିଡ଼ାଙ୍କୁ ବାରିପଦା ଡିଭିଜନ ସମ୍ପାଦକ, ସତ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ଉଦଳା ଡିଭିଜନ ସମ୍ପାଦକ, ଦୀପକ ମହାନ୍ତଙ୍କୁ ରାଇରଙ୍ଗପୁର ଡିଭିଜନ ସମ୍ପାଦକ ଓ ଦେବାଶିଷ ବେହେରାଙ୍କୁ ବାରିପଦା ସର୍କଲ ସମ୍ପାଦକ ଭାବେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଜ୍ୟୋତି ବିଶ୍ୱାଳ ସଭା ପରିଚାଳନା କରିଥିବାବେଳେ ମହାସଂଘର ସହକାରୀ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକ ଓ ତାପସ ରଞ୍ଜନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ରାଇରଙ୍ଗପୁରସ୍ଥ ପିସିଏମ କଲ୍ୟାଣ ମଣ୍ଡପରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ନିର୍ମାଣ ଶ୍ରମିକ ଆଇନ ଓ ଅଧିକାର ବିଷୟରେ ବକ୍ତବ୍ୟ ରଖି କହିଥିଲେ, ନିର୍ମାଣ ଶ୍ରମିକ ତଥା ସେମାନଙ୍କ ପରିବାରର କଲ୍ୟାଣ ଦିଗରେ ସୁନିଶ୍ଚିତତା ତଥା ଶ୍ରମିକଙ୍କ ଅଧିକାର, ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନର ପରିକଳ୍ପନା, ସରକାରଙ୍କ ସମ୍ବେଦନଶୀଳ ଚିନ୍ତାଧାରା ଏକ ଅନନ୍ୟ ନିଦର୍ଶନ ଓ ସରକାର ଏଥିନିମନ୍ତେ ସର୍ବଦା ପ୍ରତିଶ୍ରୁତିବଦ୍ଧ। ମୁଖ୍ୟଅତିଥି ବିଧାୟକ ଶ୍ରୀ ହାଁସଦା ଶ୍ରମିକ କଲ୍ୟାଣ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ କିପରି ଅଧିକରୁ ଅଧିକ ହେବ, ସେ ସମ୍ବନ୍ଧରେ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୪ ଜଣ ହିତାଧିକାରୀଙ୍କ ପରିବାରଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ଓ ମୃତ୍ୟୁକାଳୀନ ଆର୍ଥିକ ସହାୟତା ରାଶି ଓ ଜଣେ ହିତାଧିକାରୀଙ୍କୁ ତାଙ୍କ କନ୍ୟା ବିବାହ ନିମନ୍ତେ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ନୂତନ ଭାବେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କୁ କାର୍ଡ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାଝୀ, ଗୋବିନ୍ଦ ସୋରେନ, ତନ୍ମୟ ବସା, ସୌମିତ ମହାନ୍ତ, ବିଷ୍ଣୁପ୍ରିୟା ନାୟକ, ଶୋଭା ମାର୍ଣ୍ଡି, ସୁବାସ ସୋରେନ ଓ ସ୍ମୃତିରେଖା ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ପଦାଧିକାରୀ, କର୍ମଚାରୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକଙ୍କ ସମେତ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।






**ବାରିପଦା:** ୧୮୮୬ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ ଶ୍ରମିକଙ୍କ ୮ ଘଣ୍ଟା ଶ୍ରମ ଅଧିକାର ହାସଲ ପାଇଁ ୮ ଜଣ ଅମର ସହିଦଙ୍କ ବଳିଦାନର ୧୪୦ତମ ବାର୍ଷିକୀକୁ ବାରିପଦାଠାରେ ଏଆଇଟିୟୁସି ଓ ସିପିଆଇ ପକ୍ଷରୁ ମିଳିତ ଭାବେ ପାଳନ କରାଯାଇଛି। ଏଆଇଟିୟୁସି ସହବନ୍ଧିତ ଶ୍ରମିକ ସଂଗଠନ ନ୍ୟୁ ମଡର୍ନ ଟେକ୍ନୋମେକ, ନିର୍ମାଣ ଶ୍ରମିକ, ଏଡିଏମ୍, କ୍ଷେତ ମଜଦୁର ଇତ୍ୟାଦି ଶ୍ରମିକ ନ୍ୟୁ ଟେକ୍ନୋ ମେକଠାରେ ଲାଲ ପତାକା ଉତ୍ତୋଳନ କରିବା ପରେ ଶୋଭାଯାତ୍ରାରେ ବାହାରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ପାଲବଣି ଗୋଲେଇ ଛକ ହୋଇ ହାମିଲଟନ ଆମ୍ବ ବଗିଚାରେ ଏକତ୍ରିତ ହୋଇଥିଲେ। ଶ୍ରମିକ ସାଥୀ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ମଧୁସୂଦନ ଦଳନାୟକ ବିବରଣୀ ଉପସ୍ଥାପନ କରିଥିଲେ। ଉପଦେଷ୍ଟା ସାଥୀ କାହ୍ନୁଚରଣ ବେହେରା ବିଶ୍ୱ ଶ୍ରମିକ ଦିବସର ଶୁଭେଚ୍ଛା ଜଣାଇ ମୟୂରଭଞ୍ଜକୁ ଶିଳ୍ପ ସମୃଦ୍ଧ କରିବାକୁ ସରକାରଙ୍କ ପାଖରେ ଦାବି ରଖିଛନ୍ତି। ମୁଖ୍ୟଅତିଥି ଭାବେ ବର୍ଷୀଆନ ନେତା ନନ୍ଦକୁମାର ମହାପାତ୍ର ଯୋଗ ଦେଇ ଏକତା ହିଁ ବଳ, ପୁଞ୍ଜିବାଦର ଶୋଷଣ, କଷଣରୁ ମୁକ୍ତି ପାଇଁ ସଂଗ୍ରାମ ଅନିର୍ବାଯ୍ୟ ଓ ତାହା ହିଁ ଶ୍ରମଜୀବୀ ମେହେନତୀ ମଣିଷଙ୍କ ଏକମାତ୍ର ବିଜୟର ପଥ ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ସିପିଆଇ ତଥା ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ବକ୍ତବ୍ୟରେ ୧୮୮୬ର ସଂଗ୍ରାମୀ ଅଗ୍ରଦୂତଙ୍କ ବାର୍ତ୍ତା ଓ ଦାବି ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ଓ ଆବଶ୍ୟକ। ପୁଞ୍ଜିବାଦର ସଂକଟ ଗଭୀର ଓ ସାର୍ବଜନୀନ ହେବାରେ ଲାଗିଛି। ଗଣତାନ୍ତ୍ରିକ ସ୍ୱାଧୀନତା ଓ ଟ୍ରେଡ ୟୁନିଅନ ଅଧିକାର ଉପରେ ଆକ୍ରମଣ ଚଳାଇ ଉଭୟ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର କର୍ପୋରେଟ ସଂସ୍ଥାମାନଙ୍କୁ ମୁନାଫା ଦେଇ ଚାଲିଛନ୍ତି ବୋଲି କହିଥିଲେ। ସାଥୀ ବଳରାମ ମହାନ୍ତ, ପ୍ରତୀମା ସାହୁ କହିଥିଲେ, ଶ୍ରମିକ, କୃଷକ, ସାଧାରଣ ମଣିଷକୁ ଶୋଷଣ କରିବାକୁ ମିଛ ପ୍ରତିଶ୍ରୁତି ଦେଇ ବିଜେପି ସରକାର କ୍ଷମତାକୁ କୋଳେଇଛି। ଭି ବି ଜି ରାମ୍ ଜି ଯୋଜନାରେ ହିତାଧିକାରୀ ଉପକୃତ ହେଉନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁକେଶ ମହାନ୍ତ, ସନ୍ତୋଷ ସାହୁ, ଆଶିଷ ମହାନ୍ତି, ଅଭିଷେକ ସିଂ, ରାଜେଶ ରାୟ, ମଳୟ ବେହେରା, ବାପି ହେମ୍ବ୍ରମ, ବାଉରୀ ମହାନ୍ତ, ସୁଶୀଳ ମହାନ୍ତ, ବାପି ହେମ୍ବ୍ରମ, ଶ୍ରୀକାନ୍ତ ସାମଲ, ମହେଶ୍ୱର ବେହେରା, ପ୍ରଫୁଲ୍ଲ ମହାନ୍ତି, ପ୍ରଶାନ୍ତ ଭଞ୍ଜ, ରାଧା ସାହୁ, ସନ୍ତୋଷ ଦାସ, ସୁଜିତ କର୍ମକାର, ପ୍ରଧାନ ସିଂ, ଘନଶ୍ୟାମ ମୁର୍ମୁ, ଝୁନୁ ସିଂ ପ୍ରମୁଖ ଯୋଗ ଦେଇଥିଲେ।

**କୁଳିଅଣା:** ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ଆଜି ପୂର୍ବାହ୍ନରେ କୁଳିଅଣା ବ୍ଲକ ପାଚିକା ଓ ସହାୟିକା ସଂଘ ପକ୍ଷରୁ ସଂଘ ସଭାପତି ସନ୍ଧ୍ୟାରାଣୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜୀବ ଭବନ ନିକଟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟା କବିତା ମହାନ୍ତ 'ସିଟୁ'ର ପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ଶ୍ରୀମତୀ ବେହେରା ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ବୀଣାପାଣି ନାଏକ, ଗୁରୁବାରୀ ମୁର୍ମୁ, ଫୁଲମଣୀ ମୁର୍ମୁ, ସୀତା ଚୋପେୟାର, ନିର୍ମଳା ମହାନ୍ତ, ବେବି ମହାନ୍ତ, ଶୋଭାଗିନୀ ନାଏକ, ସସ୍ମିତା ପାତ୍ର, ଜୟନ୍ତୀ ନାଏକ, ଆରତୀ ନାଏକ, ସବିତା ରାଉତ, ମାଳତୀ ନାଏକ, ଦୁଲାରୀ ଟୁଡୁ, ପାର୍ବତୀ ଟୁଡୁ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟା ଉପସ୍ଥିତ



**ରାଇରଙ୍ଗପୁର:** ରାଇରଙ୍ଗପୁର ଟିପିଏନଓଡିଏଲ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଇରଙ୍ଗପୁର ଶାଖା ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଛି। ସମ୍ପାଦକ ଦୀପକ ମହାନ୍ତଙ୍କ ନେତୃତ୍ୱରେ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଟିପିଏନଓଡିଏଲର କାର୍ଯ୍ୟ ଯନ୍ତ୍ରୀ ଆଶୁତୋଶ ପଣ୍ଡା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶ୍ରମିକଙ୍କ ଉଦ୍ଦେଶ୍ୟରେ ଶ୍ରମିକମାନେ ଏକଜୁଟ ହେବା ସହ ସେମାନଙ୍କ ସାମାଜିକ ସୁରକ୍ଷା, ଅଧିକାର, ଦାୟିତ୍ୱ, ସରକାରଙ୍କ ନିୟମାବଳୀ ପ୍ରତି ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ସେହିଭଳି ଶ୍ରମିକ ନେତା ଉଦୟଭାନୁ ବେହେରା କାର୍ଯ୍ୟକ୍ଷେତ୍ରରେ ଶ୍ରମିକମାନେ ଭୋଗୁଥିବା ଅସୁବିଧା, ଠିକା ଶ୍ରମିକ ଉଚ୍ଛେଦ, କର୍ମଚାରୀଙ୍କୁ ସ୍ଥାୟୀ କରିବା, ସେମାନଙ୍କ ଦରମା ବୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ଆବଶ୍ୟକ ସୁରକ୍ଷା ସାମଗ୍ରୀ, କାର୍ଯ୍ୟ ନିର୍ଘଣ୍ଟ ଉପରେ ସରକାର ଯତ୍ନଶୀଳ ହେବା ଉଚିତ ବୋଲି କହିଥିଲେ। ତେଣୁ ଶ୍ରମିକଙ୍କ ମଧ୍ୟରେ ଏକତା ରହିବା ସହ ନିଜର ହକ୍ ପାଇଁ ଲଢେଇ କରିବା ଉଚିତ। ପାୱାର ଏମ୍ପ୍ଲଇଜ ୟୁନିଅନରେ ଥିବା ୬୦୦ କର୍ମଚାରୀ ୟୁନିଅନ ଛାଡି ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗ ଦେଇଛନ୍ତି।




**ବାରିପଦା:** ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ଗୃହରେ ରାଜ୍ୟ ସଂଘ ଉପସଭାପତି ତଥା ମୟୂରଭଞ୍ଜ ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଦେଓଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ସୁଶୀଳ ସାହୁ, କୋଷାଧ୍ୟକ୍ଷ ସୁବୋଧ ଜେନା ଓ ଉପଦେଷ୍ଟା ଆଇନଜୀବୀ ସୁନୀଲ କୁମାର ନାୟକ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସମ୍ପାଦକ ମହେନ୍ଦ୍ର ପଲେଇ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିନ ଅବସରରେ ତାଙ୍କର ଜୀବନ କାଳ ବିଷୟରେ ବର୍ଣ୍ଣନା କରିଥିଲେ। ତତ୍‌ସହିତ ଶ୍ରମିକ ଦିବସରେ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ କର୍ମମୟ ଜୀବନରେ ନିଜର ଦାୟିତ୍ୱକୁ କିପରି ସୂଚାରୁରୂପେ ତୁଲାଇବେ ସଂକ୍ଷିପ୍ତ ଭାଷଣ ରଖିଥିଲେ। ସମ୍ପାଦକ ବିଶ୍ୱଶଙ୍କର କଳିଆ, ଆଲୋକ ପୁଟୀ, ପ୍ରଭାସ ଦେ, ଅଜନ୍ତା ସାଠିଆ, ସସ୍ମିତା ମିଶ୍ର, ସୁଚିସ୍ମିତା ମହାକୁଡ, ସୋମବାରୀ ମୁର୍ମୁ, ଅଜୁ ସେଠୀ, ଓମକାର, ସନ୍ଦୀପ ଧୀର, ସୁଦର୍ଶନ ମିଶ୍ର, ବବିତା ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଆକାତର୍ ଖାଁ, ଦାନଗୀ ମୁର୍ମୁ, ସ୍ନେହଲତା ଷଣ୍ଢ, ସାବିତ୍ରି ସିଂ, ସୀତା ମୁର୍ମୁ, ସସ୍ମିତା ମହାନ୍ତ ପ୍ରମୁଖ କର୍ମକର୍ତ୍ତାଙ୍କ ଉପସ୍ଥିତରେ ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଦେଓଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା।



